# ମାରାଂ ଗମ୍ ଜୟପାଲ ସିଂ ମୁଣ୍ଡାଙ୍କ ଜୟନ୍ତୀ ପାଳିତ

**ବାରିପଦା, ୩।୧(ସମିସ):** ମାରାଂ ଗମ୍ ଜୟପାଲ ସିଂ ମୁଣ୍ଡାଙ୍କ ୧୨୧ତମ ଜନ୍ମବାର୍ଷିକ ଦାମୋଦରପୁର, ଦିଗ୍ରୁସାହି ଗ୍ରାମରେ ପାଳିତ ହୋଇଛି। ଏହି ଅବସରରେ ମୁଣ୍ଡା ଆଦିବାସୀ ଯୁବ ସଂଗଠନ, ଶୁଳାସାକାମ ୟୁଥ୍ କ୍ଲବ, ଡ.ରାମଦୟାଲ ମୁଣ୍ଡା ମୁଣ୍ଡାରୀ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ମାରାଂ ଗମ୍ ଜୟପାଲ ସିଂ ମୁଣ୍ଡା ଜଣେ ଉଜ୍ଜ୍ୱଳ ଛାତ୍ର, ଭାରତୀୟ ରାଜନେତା, ଲେଖକ ଓ କ୍ରୀଡାବିତ ଏବଂ ସମ୍ବିଧାନର ସଦସ୍ୟ ଥିଲେ। ପୁରୁଷ ହକି ଦଳର ପ୍ରଥମ ଭାରତୀୟ ଅଧିନାୟକ, ଯିଏ କି ୧୯୨୮ ମସିହାରେ ଆୟୋଜିତ ସାମାର ଅଲିମ୍ପିକ୍ କ୍ରୀଡାରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଜୟପାଲ ୧୯୩୭ ମସିହାରେ ଗଠିତ ଆଦିବାସୀ ମହାସଭାରେ ସଦସ୍ୟ ଥିଲେ। ହେଲେ ଦୁଃଖର ବିଷୟ ଯେ, ଜୟପାଲ ସିଂ ମୁଣ୍ଡା ଏବଂ ମୁଣ୍ଡା ଜାତିଙ୍କୁ କେନ୍ଦ୍ର ସରକାର ଅଣଦେଖା କରିଛନ୍ତି। ଏହାକୁ ଆଗାମୀ ଦିନରେ ମୁଣ୍ଡା ସମାଜ ଏବଂ ମୁଣ୍ଡା ଆଦିବାସୀ ଯୁବ ସଂଗଠନ ତରଫରୁ ଘୋର ନିନ୍ଦା କରାଯାଇଛି। ଆଗାମୀ ଦିନରେ କେନ୍ଦ୍ର ସରକାରଙ୍କୁ ଉଚିତ ଜବାବ ଦିଆଯିବ ବୋଲି ସଭାର ସଭାପତି ଧର୍ମପଦ ସିଂ କହିଛନ୍ତି। ସଭାରେ ମୁଣ୍ଡା ଆଦିବାସୀ ଯୁବ ସଂଗଠନର ଉପଦେଷ୍ଟା ଇଂ.ଅନୀଲ କୁମାର ସିଂ, ସୌରଭ ସିଂ, ବାରିପଦା ବ୍ଲକ ସଭାପତି ସାମଲ ସିଂ, ବିଶ୍ୱନାଥ ସିଂ, ଗୋରା ସିଂ, ସୁବନ ସିଂ, ଗୋଲି ସିଂ, ଝୁନୁ ସିଂ, ଗୁରା ସିଂ, କୋଷାଧ୍ୟକ୍ଷ ଫକୀର ମୋହନ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ମୁଣ୍ଡା ଆଦିବାସୀ ଯୁବ ସଂଗଠନର ସଂପାଦକ ମନୋରଞ୍ଜନ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।



# ପ୍ରତୀକ୍ଷାର ଅନ୍ତ
# ଶିମିଳିପାଳ କାଇ ପିମ୍ପୁଡ଼ି ଚଟଣିକୁ ମିଳିଲା ଜିଆଇ ଟ୍ୟାଗ୍

**ବାରିପଦା, ୩।୧(ସମିସ):**

ମୟୂରଭଞ୍ଜ ଶିମିଳିପାଳ ସଂଲଗ୍ନ ଆଦିବାସୀଙ୍କ ଖାଦ୍ୟ କାଇ ପିମ୍ପୁଡି ଚଟଣିକୁ ଜିଆଇ ଟ୍ୟାଗ ମାନ୍ୟତା ବା ଭୌଗୋଳିକ ପରିଚୟ ମିଳିଛି। ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର (୨) ଯଶିପୁର ପକ୍ଷରୁ ଆରମ୍ଭ ହୋଇଥିବା ପ୍ରୟାସ ସଫଳ ହୋଇଛି। ମାନ୍ୟତା ପ୍ରଦାନ ପ୍ରକ୍ରିୟାରେ ଅଗ୍ରଗତି ସ୍ୱରୂପ ସେପ୍ଟେମ୍ବର ୧ତାରିଖ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କେନ୍ଦ୍ର ସରକାରଙ୍କ ଜଗ୍ରାଫିକାଲ ଇଣ୍ଡିକେସନ ପକ୍ଷରୁ ଏ ନେଇ ଅବଗତ କରାଯାଇଥିଲା। ୩ ମାସ ମଧ୍ୟରେ ମାନ୍ୟତା ପ୍ରଦାନ ବିରୋଧରେ ଆପତ୍ତି ଅଭିଯୋଗ ସମୟ ଅତିକ୍ରାନ୍ତ ହୋଇଥିଲେ ହେଁ ଅଭିଯୋଗ ନ ଥିବାରୁ ଜିଆଇ ଟ୍ୟାଗ ମାନ୍ୟତା ବା ଭୌଗୋଳିକ ପରିଚୟ ମିଳିସାରିଛି। କେନ୍ଦ୍ର ସରକାରଙ୍କ ଜଗ୍ରାଫିକାଲ ଇଣ୍ଡିକେସନ ରେଜିଷ୍ଟ୍ରି ୱେବସାଇଟରେ ପ୍ରମାଣପତ୍ର ନମ୍ବର ୫୩୬ ଓ ଅନ୍ୟାନ୍ୟ ବୈଧତା ପ୍ରଦର୍ଶିତ ହେଉଥିଲେ ହେଁ ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା ବାକି ରହିଛି। ଏହି ଖବର ଜଣାପଡିବା ପରେ ମୟୂରଭଞ୍ଜ କାଇ ସମାଜ ଓ ଜିଲ୍ଲାବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ମୟୂରଭଞ୍ଜ ଜିଲ୍ଲାର ଆଦିମ ଆଦିବାସୀ ବହୁ ଯୁଗରୁ ଥଣ୍ଡା, କାଶ, କଫ, ଛିଙ୍କ ଓ ଜ୍ୱର ହେଲେ କାଇ ପିମ୍ପୁଡ଼ି ସହିତ ତେନ୍ତୁଳି, ଧାନୁଆ ଲଙ୍କା, ଗୁଲମରିଚ ଓ ଅନ୍ୟ ସାମଗ୍ରୀ ସହିତ ଶିଳରେ ବାଟି ପ୍ରସ୍ତୁତ ଚଟଣି ସେବନ କରି ସୁସ୍ଥ ହୋଇଥାନ୍ତି; ଯାହା ଆଜି ମଧ୍ୟ ପ୍ରଚଳିତ। ମୟୂରଭଞ୍ଜର ଯୁବ ଇଞ୍ଜିନିୟର ନୟାଧର ପଡିଆଳ ଏନେଇ ଯୁକ୍ତି ସମ୍ବଳିତପତ୍ର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ, ଆୟୁଷ, ଆଇସିଏମଆର ଓ ସିଏସଆଇଆରର ଡାଇରେକ୍ଟର ଜେନେରାଲଙ୍କୁ ପ୍ରଦାନ କରିଥିଲେ। ଯନ୍ତ୍ରୀ ଶ୍ରୀ ପଡିଆଳ ଉଚ୍ଚନ୍ୟାୟାଳୟ ଓ ସର୍ବୋଚ୍ଚ ନ୍ୟାୟାଳୟରେ ଏହାକୁ ନେଇ ଗବେଷଣା କରା ନ ଯିବା ପ୍ରତିବାଦରେ ପୃଥକ ଜନସ୍ୱାର୍ଥ ମାମଲା ମଧ୍ୟ ଦାଏର କରିଥିଲେ। ପରେ ତାଙ୍କ ଉଦ୍ୟମରେ ଗଠିତ ବାରିପଦା ପୌରପାଳିକା ୧୧ନଂ ୱାର୍ଡ ଡିପାସାହିର ମୟୂରଭଞ୍ଜ କାଇ ସମାଜ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର(୨) ଯଶିପୁର ପକ୍ଷରୁ ୨୦୨୦ ଡିସେମ୍ବର ୭ ତାରିଖରେ ଜିଆଇ ଟ୍ୟାଗ ମାନ୍ୟତା ବା ଭୌଗୋଳିକ ପରିଚୟ ପାଇଁ ଜିଆଇ ଆବେଦନ ନଂ ୭୨୫ ଦ୍ୱାରା ଆବେଦନ କରାଯାଇଥିଲା। ଏ ନେଇ ୨୦୨୨ ଡିସେମ୍ବର ୬ ତାରିଖରେ ଭୁବନେଶ୍ୱର କୃଷି ବୈଷୟିକ ବିଶ୍ୱବଦ୍ୟାଳୟ (ଓୟୁଏଟି)ରେ ପରାମର୍ଶ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ଆବେଦନ କରିଥିବା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସହିତ କାଇ ସମାଜର କର୍ମକର୍ତ୍ତା ଯୋଗଦେଇ ଆବଶ୍ୟକ କାର୍ଯ୍ୟ ସମ୍ପାଦନ କରିଥିଲେ। ତେବେ ଜିଆଇ ଟ୍ୟାଗ ମାନ୍ୟତା ମିଳିବା ପରେ କାଇ ଚଟଣିର ଗବେଷଣା ସମ୍ଭାବନା ଅଧିକ ରହିଛି। ଏହାର ଔଷଧୀୟ ଗୁଣକୁ ଜୀବନ ରକ୍ଷାକାରୀ ଭାବେ ମାନବ ସମାଜ ପାଇଁ ବ୍ୟବହାର ହୋଇପାରିବ ବୋଲି କାଇ ସମାଜର ମୁଖ୍ୟ ଇଂ ନୟାଧର ପଡିଆଳ କହିଛନ୍ତି। ଯନ୍ତ୍ରୀ ପଡିଆଳଙ୍କ ସହିତ କୃଷିବିଜ୍ଞାନ କେନ୍ଦ୍ରର କୃଷି ବୈଜ୍ଞାନିକ ଦୀପକ ମହାନ୍ତି ଓ ଜଗନ୍ନାଥ ପାତ୍ର ଜିଆଇ ଟ୍ୟାଗ ଆବେଦନ ସମୟରେ ସମ୍ମୁଖୀନ ବାଧାବିଘ୍ନ ଓ ଚ୍ୟାଲେଞ୍ଜ ଫଳପ୍ରଦ ପରେ ଖୁସିବ୍ୟକ୍ତ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲାର ଏହି ପୁରାତନ ଅର୍ଗାନିକ ଔଷଧୀୟ ଖାଦ୍ୟର ପ୍ରସ୍ତୁତି, ବ୍ୟବହାର, ଉପକାରିତା ଓ ବୈଶିଷ୍ଟ୍ୟ ଅନେକ ରହିଛି।



# ଏମ୍‌ସିଏଏମ୍‌ରେ ଜାତୀୟ ସେବା ଯୋଜନା ଶିବିର ଉଦ୍‌ଯାପିତ

**ବାରିପଦା, ୩।୧୨(ସମିସ):** ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟନସି ଆଣ୍ଡ ମ୍ୟାନେଜମେଣ୍ଟ (ଏମସିଏଏମ)-ୱରେ ଜାତୀୟ ସେବା ଯୋଜନା ଶୀତକାଳୀନ ସ୍ୱତନ୍ତ୍ର ସେବା ଶିବିର ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ସଭାପତିତ୍ୱରେ ଉଦଯାପିତ ହୋଇଯାଇଛି। ଗତ ୭ଦିନ ଧରି ଚାଲିଥିବା ଏହି ଶିବିରରେ ବିଭିନ୍ନ ସଚେତନତା, ଦକ୍ଷତା ବିକାଶ, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ୱଚ୍ଛଭାରତ ଅଭିଯାନ, ବୃକ୍ଷରୋପଣ, ପୋଷ୍ୟ ଗ୍ରାମରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ମୁଖ୍ୟତଃ ପୋଷ୍ୟ ଗ୍ରାମ ମହାରାଜପୁରଠାରେ ଡାହାଣୀ ସନ୍ଦେହ ଦୂରୀକରଣ ଦିଗରେ ଏକ ନାଟକ ମାଧ୍ୟମରେ ସଚେତନା ବାର୍ତ୍ତା ପ୍ରଦାନ କରାଯାଇଥିଲା। ଅନ୍ୟତମ ପୋଷ୍ୟ ଗ୍ରାମ ଶାଗୁଣାବସାଠାରେ ଇଭିଏମ ମେସିନର ବ୍ୟବହାର ଏବଂ ୧୮ ବର୍ଷରୁ ଉର୍ଦ୍ଧ୍ୱ ଭୋଟର ସଂଖ୍ୟା ଏବଂ ଭୋଟର ତାଲିକାରେ ନାମ ପଞ୍ଜୀକରଣ ହୋଇଛି କି ନାହିଁ ଏବଂ କିପରି ପଞ୍ଜୀକରଣ କରିପାରିବେ ସେ ନେଇ ସଚେତନତା କରାଯାଇଥିଲା। ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ଅଧକ୍ଷା ଡ଼କ୍ଟର ପୁଷ୍ପା ପାତ୍ର ଯୋଗଦେଇ ପ୍ରତ୍ୟେକ ନାଗରିକ ସର୍ବଦା ଯୁବକ ହୋଇ ରାଷ୍ଟ୍ର ପ୍ରତି କାର୍ଯ୍ୟ କରିବା ସହ ଦେଶ ପ୍ରତି ସମର୍ପିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ସ୍ନାତକ ପ୍ରାଣୀବିଜ୍ଞାନ ବିଭାଗ ଶେଷବର୍ଷ ଛାତ୍ରୀ ଅଙ୍କିତା ସେନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିବାବେଳେ କାର୍ଯ୍ୟକ୍ରମ ଅଧିକାରୀ ମୋଦନ ମହାନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ ରଂଜିତ ମାରାଣ୍ଡି, ସୁଜାତା ପାଲ, ସୁଶ୍ରୀ ନାୟକ ଓ ପିଏମଆଇଆର ପ୍ରଥମ ବର୍ଷ ଛାତ୍ର ଅଜିତ କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ଅଂଶଗ୍ରହଣ କରିଥିଲେ।




# ଉପନ୍ୟାସ 'କୁସୁମପୁରର କେତକୀ' ଲୋକାର୍ପଣ

**ଉଦଳା,୩।୧(ସମିସ):** ଶିକ୍ଷୟିତ୍ରୀ ତଥା ସାରସ୍ୱତ ସାଧିକା ମୋନାଲିସା ଭଞ୍ଜଙ୍କ ଉପନ୍ୟାସ "କୁସୁମପୁରର କେତକୀ' ଆଜି ପୁସ୍ତକ ଓ ସାହିତ୍ୟପ୍ରେମୀ, କବି, ଲେଖକଙ୍କ ଉପସ୍ଥିତିରେ ଲୋକାର୍ପଣ ହୋଇଯାଇଛି। ଏହି ଉତ୍ସବରେ ସାହିତ୍ୟିକ କୁମାର ଗୋପାଳ ପୋରୋହିତ୍ୟ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ଉଦଳାର ନଗରପାଳ ପ୍ରମିଳା ପଣ୍ଡା ଯୋଗଦେଇ "ଉତ୍ତରା ପ୍ରକାଶନୀ'ର ପ୍ରାଣ ପ୍ରତିଷ୍ଠାତା ଦିବଂଗତ ସାରସ୍ୱତ ସାଧକ ପ୍ରଶାନ୍ତ ବେହେରାଙ୍କ ସ୍ମୃତିଚାରଣ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ସନାତନ ଜେନା, ସମ୍ମାନିତ ଅତିଥିଭାବେ ବର୍ଷୀୟାନ କବି, ଲେଖକ ଇନ୍ଦ୍ରମଣି ବିନ୍ଧାଣୀ ଉଦଳା ମାଟିର ସାରସ୍ୱତ ଯାତ୍ରାର କାହାଣୀ ବଖାଣିଥିଲେ। ସମୀକ୍ଷକ ଭାବେ ଗବେଷକ ଡ. ଭାଗବତ ଦାସ ଉପନ୍ୟାସର ରୂପରେଖ ତଥା ବହୁବିଧ ଚରିତ୍ରର ଭୂମିକା ନେଇ ଶୁଭେଚ୍ଛା ଜଣାଇଥିଲେ। ଡ. ଦିଲ୍ଲୀପ ଦୀକ୍ଷିତ, ପଣ୍ଡିତ ଲକ୍ଷ୍ମୀଧର ପୋଥାଳ, କୁମାର ତ୍ରିପାଠୀ, ଶ୍ୟାମସୁନ୍ଦର ପଣ୍ଡା, ରବିକାନ୍ତ ମହାପାତ୍ର, ପ୍ରଫୁଲ୍ଲ ଖିଲାର, କିଶୋର ଚନ୍ଦ୍ର ଦାସବାବୁ, ସନାତନ ଜେନା ପ୍ରମୁଖ ଶୁଭେଚ୍ଛା ଜଣାଇଥିଲେ। ଶେଷରେ ଆଶିଷ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ■ ବାରିପଦା ଜେଲରେ କଏଦୀଙ୍କ ଆତ୍ମହତ୍ୟା ଘଟଣା
# ଜିଲ୍ଲାପାଳଙ୍କ ସ୍ୱତନ୍ତ୍ର ନିର୍ଦ୍ଦେଶରେ ହେଲା ବ୍ୟବଚ୍ଛେଦ

**ବାରିପଦା, ୩।୧(ସମିସ):** ଗତ ୩୧ ତାରିଖ ରାତିରେ ବାରିପଦା ମଣ୍ଡଳ କାରାଗାରରେ ବିଚାରାଧୀନ କଏଦୀର ଆତ୍ମହତ୍ୟା ଘଟଣାର ୪୮ ଘଣ୍ଟା ପରେ ଶବ ବ୍ୟବଚ୍ଛେଦ କରାଯାଇଛି। ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ସ୍ୱତନ୍ତ୍ର ନିର୍ଦ୍ଦେଶକ୍ରମେ ବୁଧବାର ପିଆରଏମ ହସ୍ପିଟାଲରେ ଶବ ବ୍ୟବଚ୍ଛେଦ କରାଯାଇଛି। ବାରିପଦା ସଦର ଥାନା ଅନ୍ତର୍ଗତ ମହୁଲିଆ ଗାଁର ରବି ସିଂ ଗତ ଡିସେମ୍ବର ୨୦ ତାରିଖରେ ବେଆଇନ ମଦ କାରବାର ମାମଲାରେ ଗିରଫ ହୋଇ ବାରିପଦା ମଣ୍ଡଳ କାରାଗାରରେ ବିଚାରଧୀନ କଏଦୀଭାବେ ଥିଲେ। ତେବେ ଡିସେମ୍ବର ୩୧ ତାରିଖ ରାତିରେ ରବି ଜେଲ୍‌ରେ ଥିବା ଲୁହା ରେଲିଂ କବାଟରେ ଗାମୁଛା ବାନ୍ଧି ଝୁଲି ପଡ଼ି ଆତ୍ମହତ୍ୟା କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ବାରିପଦା ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା; ହେଲେ ଡାକ୍ତର ସେଠାରେ ତାଙ୍କର ମୃତ ଘୋଷଣା କରିଥିଲେ। ତେବେ ତାଙ୍କ ମୃତ୍ୟୁକୁ ପରିବାରବର୍ଗ ସହଜରେ ଗ୍ରହଣ କରି ନ ପାରି ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ ପରିବାର। ଆତ୍ମହତ୍ୟା ହେବାର ୪୮ ଘଣ୍ଟା ବିତି ଯାଇଥିଲେ ମଧ୍ୟ ପରିବାର ଲୋକ କ୍ଷତିପୂରଣ ଦାବିର ଜିଦରେ ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଥିଲେ। ୫ଲକ୍ଷ ଟଙ୍କା କ୍ଷତିପୂରଣ ଦାବିକରି ମୃତ ଶରୀରକୁ ବ୍ୟବଚ୍ଛେଦ କରିବାକୁ ପରିବାର ଲୋକେ ଅମଙ୍ଗ ହୋଇଥିଲେ।

### ପରିବାର ଲୋକେ ଗ୍ରହଣ କରିନାହାନ୍ତି ମୃତଦେହ

ଏଥି ସହିତ ମୃତଦେହ ଗ୍ରହଣ କରିବାକୁ ମଧ୍ୟ ପରିବାର ଲୋକେ ରାଜି ହେଲେନାହିଁ। ଏପରି ସ୍ଥିତିରେ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ସ୍ୱତନ୍ତ୍ର ନିର୍ଦ୍ଦେଶରେ ପୁଲିସର କଡା ସୁରକ୍ଷା ମଧ୍ୟରେ ବୁଧବାର ଅପରାହ୍ନରେ ମୃତ ରବିଙ୍କ ଶବ ବ୍ୟବଚ୍ଛେଦ କରାଯାଇଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲେ ମଧ୍ୟ ସେମାନେ ନେବାକୁ ଅମଙ୍ଗ ହୋଇଛନ୍ତି ବୋଲି ସୂଚନା ମିଳିଛି। ଫଳରେ ହସ୍ପିଟାଲରେ ସଂରକ୍ଷିତ ରଖାଯାଇଛି।

# ଏମ୍‌ପିସି କଲେଜରେ ରାଜ୍ୟ ଇତିହାସ କଂଗ୍ରେସର ଆଞ୍ଚଳିକ ଅଧିବେଶନ




**ବାରିପଦା, ୩।୧(ସମିସ):** ପ୍ଲାଟିନମ ଜୁବୁଲି ଉତ୍ସବର ଅବ୍ୟବହିତ ପୂର୍ବରୁ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ରାଜ୍ୟ ଇତିହାସ କଂଗ୍ରେସର ଏକ ଆଞ୍ଚଳିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ 'ସ୍ୱାଧୀନତା ପରବର୍ତ୍ତୀ ମୟୂରଭଞ୍ଜ: ଆହ୍ୱାନ ଓ ସୁଯୋଗ' ଶୀର୍ଷକ ଏକ ଆଲୋଚନା ସମ୍ମାନ ଅନୁଷ୍ଠିତ ହୋଇଥିଲା। ଉତ୍ସବ ପ୍ରାରମ୍ଭରେ କଲେଜ ଅଧ୍ୟକ୍ଷ ପ୍ରଫେସର ମୁକ୍ତିକାନ୍ତ ପଣ୍ଡା ଅତିଥି ଓ ଆଲୋଚକଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଇତିହାସ ବିଭାଗ ମୁଖ୍ୟ ଡ଼ ରତ୍ନୀ ହାଁସଦା ଅତିଥି ପରିଚୟ ଦେଇଥିଲେ। ରାଜ୍ୟ ଇତିହାସ କଂଗ୍ରେସର ସଭାପତି ପ୍ରଫେସର ହରିହର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏମପିସି କଲେଜ ପରିଚାଳନା କମିଟି ଚେୟାରମ୍ୟାନ ମେଜର ଡ. କଳ୍ପନା ଦାସ ଯୋଗଦେଇ ମୟୂରଭଞ୍ଜ ଜିଲ୍ଲାର ସୁଯୋଗ ଓ ସମ୍ଭାବନା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଡ. ପ୍ରଫୁଲ୍ଲ ମହାନ୍ତି ଯୋଗଦେଇ ପ୍ରାଗ ଐତିହାସିକ ଯୁଗୀୟ ମୟୂରଭଞ୍ଜ ସମ୍ପର୍କରେ ନିଜର ବିମର୍ଶ ଉପସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଡ଼. ଯତୀନ୍ଦ୍ର ନାଥ ସିଂଦେବ ସଚନ, ନିମନ୍ତ୍ରିତ ଅତିଥି ଭାବେ ଡ. ପାରେଶ୍ୱର ସାହୁ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ଡ଼. ସୁବାସ ଚନ୍ଦ୍ର ବାରିକ ବିଗତ ଅଧିବେଶନର ବିବରଣୀ ଉପସ୍ଥାପନ କରିଥିଲେ। ଅଧ୍ୟାପିକା ରାଇମଣି ମାରାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଆଲେକ୍ସ ହେମ୍ବ୍ରମ ଓ ଈଶ୍ୱର ମହାନ୍ତ କାର୍ଯ୍ୟକ୍ରମ ସଫଳ ରୂପାୟଣରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଇତିହାସ ଅଧ୍ୟାପକ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

# ହାତପାଆନ୍ତାରେ ପହଞ୍ଚିବ ଟିପିଏନଓଡିଏଲର ସେବା



**ବାରିପଦା, ୩।୧(ସମିସ):** ଟାଟା ପାୱାର ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନଓଡିଏଲ) ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ଅଧୀନ ଉଦଳା ଓ ବାରିପଦା ଗ୍ରାହକ ସେବା କେନ୍ଦ୍ରର ନବୀକରଣ ଗୃହ ଉଦ୍‌ଘାଟିତ ହୋଇଯାଇଛି। ଏଥିସହ ବାରିପଦା ଅଭିଯୋଗ ପ୍ରତିବିଧାନ ମଞ୍ଚର (ଜିଆରଏଫ୍)ର ମଧ୍ୟ ଲୋକାର୍ପଣ କରାଯାଇଛି। ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଟିପିଏନଓଡିଏଲ୍ ସିଇଓ ଭାସ୍କର ସରକାର ଯୋଗଦେଇ ଏହାର ଲୋକାର୍ପଣ କରିଥିବା ବେଳେ ଚିଫ୍ ଅପରେସନ୍ ନିଲେସ ଫୋଟଫଡେ, ସିନିଅର୍ ଜିଏମ ଶରତ ଚନ୍ଦ୍ର ମହାଳିକ, ଏସସି ହରିଶ୍ ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସିଇଓ ଶ୍ରୀ ସରକାର କହିଥିଲେ ଯେ, ନିଜର ଉପଭୋକ୍ତାଙ୍କୁ ଗୁଣାତ୍ମକ ସେବା ଯୋଗାଇବା ତଥା ସେବା ବିତରଣ ପ୍ରକ୍ରିୟାକୁ ଅଧିକ ସହଜ ଓ ସରଳ କରିବା ପାଇଁ ଟିପିଏନଓଡିଏଲ୍ ବିଶେଷ ଧ୍ୟାନ ଦେଇ ଗ୍ରାହକ ସେବା କେନ୍ଦ୍ର ଉପଲବ୍ଧ କରଯାଇଛି। ଏଠାରେ ଉପଭୋକ୍ତା ବିଦ୍ୟୁତ ସେବା ସମ୍ପର୍କିତ ନିଜର ଦ୍ୱନ୍ଦ୍ୱ ଦୂର କରିବା, ସମସ୍ୟାର ସମାଧାନ କରିବା ସହିତ ବିଲ ପଇଠ ମଧ୍ୟ କରିପାରିବେ। ଗ୍ରାହକମାନଙ୍କ

### ଅଭିଯୋଗ ପ୍ରତିବିଧାନ ମଞ୍ଚ ଉଦ୍‌ଘାଟିତ

ଆସିଛି। ମୁଖ୍ୟତଃ ଉପଭୋକ୍ତାଙ୍କ ବିଭିନ୍ନ ସମସ୍ୟାର ତ୍ୱରିତ ସମାଧାନ ହେବା ସହିତ ହାତ ପାଆନ୍ତାରେ ସମସ୍ତ ସୁବିଧା ସୁଯୋଗ ପହଞ୍ଚାଇବାକୁ ଗୁରୁତ୍ୱ ଦେଉଛି ଟିପିଏନଓଡିଏଲ। ଉପଭୋକ୍ତାମାନଙ୍କ ବିଦ୍ୟୁତ ସେବା ସମ୍ପର୍କିତ ଯେ କୌଣସି ସମସ୍ୟାର ସମାଧାନ ପାଇଁ ବିଦ୍ୟୁତ୍ ସେବା ସମ୍ପର୍କିତ ଅଭିଯୋଗର ସମାଧାନ ପାଇଁ ଜିଆରଏଫ୍ ମଧ୍ୟ ଉପଲବ୍ଧ କରଯାଇଛି। ଏହି ଅବସରରେ ବାରିପଦା ଜିଆରଏଫ୍ ନୂତନ ସଭାପତି ଭାବେ ବ୍ରଜସୁନ୍ଦର ପରିଡାଙ୍କୁ ନିଯୁକ୍ତି ଦିଆଯାଇଥିବା ଶ୍ରୀ ସରକାର ସୂଚନା ଦେଇଥିଲେ।

# ବିନୟ ବାନାର୍ଜୀଙ୍କ ଜନ୍ମ ଶତବାର୍ଷିକୀ
# 'ବିନୟ ବାନାର୍ଜୀ ସ୍ମୃତି ପ୍ରତିଭା ସମ୍ମାନ'ରେ ୬ ସମ୍ବର୍ଦ୍ଧିତ




**ବାରିପଦା, ୩।୧(ସମିସ):** ମୟୂରଭଞ୍ଜ ରାଜା ରଜୁଡ଼ା ସମୟରୁ ସୁନାମଧନ୍ୟ ଫୁଟବଲ ଖେଳାଳି, ଆୟୋଜକ ଓ ସୀକୃତିପ୍ରାପ୍ତ ରେଫରୀ ବିନୟ ବାନାର୍ଜୀଙ୍କ ଶତବାର୍ଷିକୀ ସ୍ମୃତି ଦିବସ ପାଳିତ ହୋଇଯାଇଛି। ରଞ୍ଜନ ବାନାର୍ଜୀଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଲେଶ୍ୱର ବ୍ରହ୍ମ ସମାଜ ସଭାପତି ସୁଚିତ୍ରା ଦାସ ପୌରୋହିତ୍ୟ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ମୟୂରଭଞ୍ଜର ମହାରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓ, ମୁଖ୍ୟବକ୍ତା ଭାବେ ଡ. ମୋହିତ କୁମାର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ପୂର୍ବତନ ରାଜ୍ୟ ସୂଚନା କମିଶନର ଶଶିପ୍ରଭା ବିନ୍ଧାଣୀ, ଡ. ବିଜୟ କୁମାର ଅଗ୍ରୱାଲା ଓ ବିଜୟ କୁମାର ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବାନାର୍ଜୀଙ୍କ ସ୍ମୃତି ଚାରଣ କରିଥିଲେ। ତତ୍କାଳୀନ ମୟୂରଭଞ୍ଜ ଷ୍ଟେଟରେ ଜଣେ ଅଗ୍ରଣୀ ପ୍ରତିଭାଧର ବ୍ୟକ୍ତିତ୍ୱ ଭାବେ ସ୍ୱର୍ଗତ ବାନାର୍ଜୀ ପ୍ରଶଂସା ଅର୍ଜନ କରିଥିଲେ। ସେ ଏକାଧାରରେ ସମାଜସେବୀ, କାଉନସିଲର ଓ ରୋଟାରିୟାନ ଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ୩୪ଜଣ ଦିବଂଗତ ପ୍ରତିଭାଧର ଫୁଟବଲ ଖେଳାଳି, ସଙ୍ଗଠକ, ଆୟୋଜକ ଓ ରେଫରିଙ୍କୁ 'ବିନୟ ବାନାର୍ଜୀ ସ୍ମୃତି' ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପାଇଁ 'ବିନୟ ବାନାର୍ଜୀ ସ୍ମୃତି ପ୍ରତିଭା ସମ୍ମାନ'ରେ ୬ ଜଣ ସମ୍ବର୍ଦ୍ଧିତ ହୋଇଥିଲେ। ଏଥିସହିତ ଦିବଂଗତଙ୍କ ପରିବାର, ଆତ୍ମୀୟସ୍ୱଜନ ମଧ୍ୟ ସମ୍ମାନ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବର୍ଷିୟାନ ଫୁଟବଲ ଖେଳାଳି ପରେଶ ଚନ୍ଦ୍ର ଦାସଙ୍କ ସମେତ ଅନ୍ୟ ଫୁଟବଲ ଖେଳାଳି ଓ କ୍ରୀଡ଼ା ଆୟୋଜକ, ଖେଳପ୍ରେମୀ ଶୁଭେଚ୍ଛୁ ଉପସ୍ଥିତ ଥିଲେ। ସେହିପରି ସ୍ୱର୍ଗତ ବାନାର୍ଜୀଙ୍କ ସ୍ମୃତିରେ ବାରିପଦା ଷ୍ଟାଡିୟମରେ ଆୟୋଜିତ ଏକ ପ୍ରଦର୍ଶନୀ ଫୁଟବଲ ଖେଳରେ ଏମକେସି ହାଇସ୍କୁଲ ଦଳକୁ ଅସନଯୋଡା ସ୍କୁଲ୍ ଦଳ ହରାଇ ଚାମ୍ପିଅନ ହୋଇଛି। ମୁଖ୍ୟଅତିଥି ମହାରାଣୀ ପୁରସ୍କାର ପ୍ରଦାନ କରିଥିଲେ। ଇଂ ମାନସ ଷଡ଼ଙ୍ଗୀ, ଆଶିଷ ବସା, ଅମିତାଭ ମିଶ୍ର, ତିମିର ଘୋଷ, ସ୍ନେହା ବାନାର୍ଜୀ ଓ ଚନ୍ଦନ ବାନାର୍ଜୀ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ।

# ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ



**ବାରିପଦା, ୩।୧(ସମିସ):** ବାରିପଦାଠାରେ ୭୫ତମ ସାଧାରଣତନ୍ତ୍ର ଦିବସ ସମାରୋହରେ ପାଳନ କରାଯିବା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବୁଧବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି ପ୍ରମୁଖଙ୍କ ଉପସ୍ଥିତିରେ ସାଧାରଣତନ୍ତ୍ର ଦିବସରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଛି। ଏହି ଜାତୀୟ ଉତ୍ସବକୁ ସମ୍ମାନ ଓ ମର୍ଯ୍ୟାଦାର ସହିତ ଜାତୀୟତାବୋଧ ବଜାୟ ରଖି ଜିଲ୍ଲାସ୍ତରୀୟ ଉତ୍ସବ ପାଳନରେ ସମସ୍ତ ଶିକ୍ଷାନୁଷ୍ଠାନ, ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ସଂଗଠନ, ସର୍ବୋପରି ଜନସାଧାରଣ ବିପୁଳ ସଂଖ୍ୟାରେ ଯୋଗଦାନ କରି ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନର କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ। ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ, ରାମଧୂନ, ପ୍ରଭାତଫେରୀ ଜାତୀୟ ପତାକା ଉତ୍ତୋଳନ ଓ ମୁଖ୍ୟ ଅତିଥିଙ୍କ ଅଭିବାଦନ ଗ୍ରହଣ, ବହୁ ଭାଷା କବି ସମ୍ମିଳନୀ, ଫଳ-ବିସ୍କୁଟ/ମିଷ୍ଟାନ୍ନ ବଣ୍ଟନ, ପୁରସ୍କାର ବିତରଣ ଉତ୍ସବ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ପ୍ରସ୍ତୁତି କାର୍ଯ୍ୟକ୍ରମ ବିଷୟରେ ଜିଲ୍ଲାପାଳ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଏସପି, ଡିଆଇବି, ରିଜର୍ଭ ପୁଲିସ ଇନ୍ସପେକ୍ଟର, ଅଧୀକ୍ଷଣ ଯନ୍ତ୍ରୀ, ପୂର୍ତ୍ତ (ରାସ୍ତା ଓ ଗୃହ) ପ୍ରମୁଖଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ପଦାଧିକାରୀ, ଶିକ୍ଷାନୁଷ୍ଠାନର ମୁଖ୍ୟ ତଥା ଶିକ୍ଷକ ଶିକ୍ଷୟିତ୍ରୀ, ଅଧ୍ୟାପକ ଅଧ୍ୟାପିକା, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ବରିଷ୍ଠ ନାଗରିକ, ଗଣମାଧ୍ୟମର ପ୍ରତିନିଧି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍କୁଲ ଗେଟ୍‌ରେ ତାଲା; ଧାରଣା ଜାରି

**କମାରଡିହା, ୩।୧(ସମିସ):** ରାସଗୋବିନ୍ଦପୁର ବ୍ଲକ କମାରଡିହା ପଞ୍ଚାୟତ ଖୁଣ୍ଟା ଏମ.ଇ. ସ୍କୁଲରେ ଆଜି ଦ୍ୱିତୀୟ ଦିନରେ ମଧ୍ୟ ଏସ.ଏମ.ସି. ଏବଂ ଅଭିଭାବକମାନେ ସ୍କୁଲ ଗେଟରେ ତାଲା ପକାଇ ଧାରଣାରେ ବସିଛନ୍ତି। ଯେ ପର୍ଯ୍ୟନ୍ତ ଜିଲ୍ଲା ଶିକ୍ଷାଧିକାରୀ ତାଙ୍କ ନିଷ୍ପତ୍ତିର ପୁନଃ ବିଚାର ନ କରିଛନ୍ତି ସେତେଦିନ ପର୍ଯ୍ୟନ୍ତ ଏ ଧାରଣା ଚାଲୁରହିବ ବୋଲି ଅଭିଭାବକମାନେ କହିଛନ୍ତି। ତେବେ ସ୍କୁଲର ଗେଟ ବନ୍ଦ ଥିବାରୁ ଆଜି ଛାତ୍ରଛାତ୍ରୀ ଗଛମୂଳେ ଶିକ୍ଷା ଗ୍ରହଣ କରିଥିଲେ। ଖବର ଲେଖାହେବା ଯାଏ କୌଣସି ଆଲୋଚନା ସଫଳ ହୋଇପାରିନାହିଁ। ଜିଲ୍ଲା ଶିକ୍ଷାଧିକାରୀ ତାଙ୍କ ଜିଦରେ ଏବଂ ଏସ.ଏମ.ସି. ମେମ୍ବରମାନେ ତାଙ୍କ ଜିଦରେ ଅଟଳ।

## କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ନିର୍ଦ୍ଦେଶିକାଙ୍କ ମୟୂରଭଞ୍ଜ ଗସ୍ତ
# ଅନୁଧ୍ୟାନ କଲେ ପିଏମ୍ ଜନମନ ଯୋଜନା

**ବାରିପଦା, ୩।୧(ସମିସ)**

ଦେଶରେ ଆଦିବାସୀଙ୍କ ସମନ୍ୱୟ ବିକାଶ ପାଇଁ ପିଏମ୍ ଜନମନ ଯୋଜନା ଶୁଭାରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ମୟୂରଭଞ୍ଜରେ କାର୍ଯ୍ୟକାରୀ ହେଉଛି ଏହି ଯୋଜନା। ଜିଲ୍ଲା ପ୍ରଶାସନ ଏଥିପାଇଁ ସଂପୂର୍ଣ୍ଣ ତତ୍ପର ଥିବାବେଳେ ବୁଧବାର କେନ୍ଦ୍ର ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ନିର୍ଦ୍ଦେଶିକା ତଥା ମୟୂରଭଞ୍ଜ ଜିଲ୍ଲା ପ୍ରଭାରୀ ସଂଗୀତା ଗୁପ୍ତା ଜିଲ୍ଲାଗସ୍ତ କରି ପିଏମ୍ ଜନମନ ଯୋଜନାର ସୁଗମ ମନିଟରିଂ ଏବଂ କାର୍ଯ୍ୟକାରିତା ନିରୀକ୍ଷଣ କରିଥିଲେ। ଏହି ଅବସରରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ, ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରଜନୀକାନ୍ତ ସ୍ୱାଇଁ ତଥା ସମସ୍ତ ଜିଲ୍ଲା ଅଧିକାରୀ, ଜିଲ୍ଲା ସମନ୍ୱୟ କମିଟିର ସମସ୍ତ ସଦସ୍ୟ ଏବଂ ଜିଲ୍ଲା ସ୍ତରୀୟ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ପ୍ରକାଶ ଥାଉକି, ବିଶେଷ ଭାବରେ ଦୁର୍ବଳ ଆଦିବାସୀ ଗୋଷ୍ଠୀକୁ ଉନ୍ନତ କରିବାକୁ ଲକ୍ଷ୍ୟ ରଖାଯାଇଥିବା ଏହି ପଦକ୍ଷେପ ସେମାନଙ୍କ ଅନନ୍ୟ ଆହ୍ୱାନର ସମାଧାନ ତଥା ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଅତ୍ୟାବଶ୍ୟକ ଭିତ୍ତିଭୂମି ଯୋଗାଇବା ପାଇଁ ସାମର୍ଥ୍ୟ ବହନ କରେ। ଶ୍ରୀମତୀ ଗୁପ୍ତା ଜିଲ୍ଲାର ଯେଉଁସବୁ ବ୍ଲକରେ ଏହିସବୁ କାର୍ଯ୍ୟ ଚାଲିଛି, ସେସବୁର ସମସ୍ତ ବିବରଣୀ ଜିଲ୍ଲାପାଳଙ୍କଠାରୁ ସଂଗ୍ରହ କରି ସନ୍ତୋଷ ପ୍ରକାଶ କରିଥିଲେ। ଏହାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଫଟୋ, ଭିଡ଼ିଓ ମାଧ୍ୟମରେ ଲୋକାଭିମୁଖୀ କରାଇବା ପାଇଁ ପ୍ରସ୍ତାବ ଦେଇଥିଲେ। ଜିଲ୍ଲପାଳ ଶ୍ରୀ ଭରଦ୍ୱାଜ କହିଥିଲେ ଯେ ଯେଉଁ ସବୁ ଗ୍ରାମବାସୀ ଏପର୍ଯ୍ୟନ୍ତ ଆଧାର କାର୍ଡର ସୁବିଧା ପାଇଁ ନାହାନ୍ତି, ଜାତିଗତ ପ୍ରମାଣପତ୍ର ଯେଉଁଠାରେ ମିଳିନାହିଁ, ସେମାନଙ୍କୁ ତୁରନ୍ତ ଏହି ସୁବିଧା କରାଇବାପାଇଁ ଅଧିକାରୀମାନେ ତତ୍ପର ହେବେ। ସୂଚନା ଯୋଗ୍ୟଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ଜାନୁଆରୀ ୧୫ ତାରିଖରେ ଆଭାସୀ ଜରିଆରେ କିଛି ଜିଲ୍ଲାଙ୍କ ସହିତ ଏହି ବିଷୟରେ ଆଲୋଚନା କରିବେ। ଯେହେତୁ ମୟୂରଭଞ୍ଜ ଜିଲ୍ଲା ଏକ ବିଶେଷ ସ୍ଥାନ ଅଧିକାର କରୁଛି। ତେଣୁ ଏହି ଜିଲ୍ଲା ପ୍ରତି ବିଶେଷ ଧ୍ୟାନ ରହିବ। ଏହି ବୈଠକରେ ସମସ୍ତ ଅଧିକାରୀଙ୍କୁ ନିଜ ନିଜ କ୍ଷେତ୍ରରେ ହେଉଥିବା ସମସ୍ତ ଆଇଇସି କାର୍ଯ୍ୟକଳାପ ସମସ୍ତଙ୍କୁ ପରଖି ଏହାର ଉତ୍ତମ ଅବଲୋକନ କରିବାପାଇଁ ଶ୍ରୀମତୀ ଗୁପ୍ତା କହିଥିଲେ। ଇତ୍ୟବସରରେ, ଶ୍ରୀମତୀ ଗୁପ୍ତା, ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ସ୍ୱାଇଁ, ସମସ୍ତ ଆଇଟିଡ଼ିଏର ପ୍ରକଳ୍ପ ପ୍ରଶାସକ ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ସମେତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ମୋରଡା ବ୍ଲକର ଚିକିଟାମାଟି ଗ୍ରାମରେ ହେଉଥିବା ପିଏମ୍ ଜନମନ ଯୋଜନା ଅନ୍ତର୍ଗତ ସାଚୁରେସନ୍ ପ୍ରୋଗ୍ରାମ୍ ପରିଦର୍ଶନ କରି ଲୋକଙ୍କ ଆଲୋଚନା କରିଥିବା ପ୍ରକାଶ।



## ଭାରସାମ୍ୟ ହରାଇ ଘରକୁ ଧକ୍କାଦେଲା କାର୍



**ତୁରୁମୁଙ୍ଗା,୩।୧(ସମିସ):** କେନ୍ଦୁଝର ଜିଲ୍ଲା ୨୨୦ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ବଳଭଦ୍ରପୁର ଗ୍ରାମର ଏକ ଘରକୁ ବୁଧବାର ସକାଳୁ ଏକ କାର୍ ଧକ୍କା ଦେବା ଫଳରେ ଘର ଲୋକେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଦୁର୍ଘଟଣାରେ ଘରର ଅଂଶିକ କ୍ଷତି ହୋଇଥିବାବେଳେ କାର୍‌ର ସମ୍ମୁଖଭାଗ ଭାଙ୍ଗି ଚୁରମାର୍ ହୋଇଯାଇଛି। କାର୍ ଟି ଭୁବନେଶ୍ୱରରୁ କରଞ୍ଜିଆକୁ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା।

■ ଆନନ୍ଦପୁର ବନ ବିଭାଗର ଚଢ଼ଉ

## ହାତୀଦାନ୍ତ ସହ ୨ ବ୍ୟବସାୟୀ ଗିରଫ



**ଆନନ୍ଦପୁର,୩।୧(ସମିସ):** ଆନନ୍ଦପୁର ଥାନା ଭୋଗପୁର ଗାଁ ଛକରୁ ବନବିଭାଗ ଦୁଇଟି ହାତୀ ଦାନ୍ତ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୨ ବ୍ୟବସାୟୀଙ୍କୁ ଗିରଫ କରିଛି। ବୁଧବାର ଆନନ୍ଦପୁର ଡିଏଫ୍‌ଓ ଅଭୟ କୁମାର ଦଳେଇଙ୍କ ନିର୍ଦ୍ଦେଶରେ ଏସିଏଫ୍ ଅଶୋକ କୁମାର ବିଶ୍ୱାଳ, ସୂର୍ଯ୍ୟକାନ୍ତ ବେହେରା, ବିବେକ ଦାସ, ଦେଓଗାଁ ରେଞ୍ଜର ଉମାକନ୍ତ ଦାଶ, ଆନନ୍ଦପୁର ରେଞ୍ଜର ନବକୁମାର ନାୟକ, ବନପାଳ ଅନନ୍ତ ଚରଣ ପରିଡ଼ା ପ୍ରମୁଖ ଭୋଗପୁର ଗ୍ରାମରେ ଏହାର ସନ୍ଧାନ କରୁଥିବାବେଳେ ସନ୍ଦେହଜନକ ଭାବେ ବୁଲୁଥିବା ଦୁଇ ବ୍ୟକ୍ତିଙ୍କୁ ନଜରବନ୍ଦୀ କରିଥିଲେ। ସନ୍ଦିଗ୍ଧ ବ୍ୟବସାୟୀ ଦୁଇଜଣଙ୍କ କାର୍ଯ୍ୟକଳାପକୁ ଲକ୍ଷ୍ୟକରି ବନ କର୍ମଚାରୀମାନେ ସୁନ୍ଦୁରିଆ ଗ୍ରାମର ନିଧି ଶଙ୍ଖୁଆଳଙ୍କ ପୁଅ କାଳନ୍ଦୀ ଶଙ୍ଖୁଆଳ ଓ ସାତକୋଶିଆ ଗ୍ରାମର ସଦାନନ୍ଦ ହାଇବ୍ରୁଙ୍କ ପୁଅ ବାବୁଲି ହାଇବ୍ରୁଙ୍କୁ କାବୁ କରିଥିଲେ। ପରେ ସେମାନଙ୍କଠାରୁ ଦୁଇଟି ହାତୀ ଦାନ୍ତ ସହ ଦୁଇଜଣକୁ କାବୁ କରିନେଇ ଥିଲେ। ପରେ ସେମାନଙ୍କୁ ଆନନ୍ଦପୁର ବନବିଭାଗ କାର୍ଯ୍ୟାଳୟରେ ପଚରାଉଚୁରା କରାଯିବା ପରେ ଏକ ମାମଲା ରୁଜୁ କରାଯାଇ ଆନନ୍ଦପୁର କୋର୍ଟକୁ ଚାଲାଣ କରାଯାଇଛି।

## ଶିଶୁମନ୍ଦିରରେ ମେଧା ଛାତ୍ରୀଙ୍କ ଆଶୀର୍ବାଦ କାର୍ଯ୍ୟକ୍ରମ

**ଆନନ୍ଦପୁର,୩।୧(ସମିସ):** ସରକାରୀ ବୃତି ପରୀକ୍ଷାରେ ଆନନ୍ଦପୁର ସରସ୍ୱତୀ ଶିଶୁ ମନ୍ଦିରର ତୃତୀୟ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରୀମାନେ ସଫଳତାର ସହ କୃତିତ୍ୱ ଅର୍ଜନ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ହରେକୃଷ୍ଣ ପତିଙ୍କ ସଂଯୋଜନାରେ ପରିଚାଳନା ସମିତିର ସଭାପତି ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ସମ୍ପାଦିକା ଉଷାରାଣୀ ଜେନା ଉପସ୍ଥିତ ରହି କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ବୃତି ପରୀକ୍ଷାରେ ଛାତ୍ରୀ ଦେବାର୍ଚ୍ଚନା ସାହୁ ପ୍ରଥମ, ଛାତ୍ରୀ ଅମ୍ରିତା ପରିଡା ଷଷ୍ଠସ୍ଥାନ ଓ ସ୍ନେହା ସାଇନା ରାଉଳ ସପ୍ତମ ସ୍ଥାନ ଅଧିକାର କରିଥିବା ଜଣାଯାଇଛି। ଗୁରୁଜୀ ଗୁରୁମାଙ୍କ ପରିଶ୍ରମ, ପିତାମାତାଙ୍କ ଆଶୀର୍ବାଦ ଯୋଗୁ ଛାତ୍ରୀମାନେ ଏହି କୃତିତ୍ୱ ଅର୍ଜନ କରିଥିବାରୁ ବିଦ୍ୟାଳୟର ସଭାପତି ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ।

## ପ୍ରଭୁ ବରଦାନ ଭବନରେ ନବବର୍ଷ

**ତେଲକୋଇ,୩।୧(ସମିସ):** ତେଲକୋଇ ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଆନୁକୂଲରେ ପ୍ରଭୁ ବରଦାନ ଭବନଠାରେ ଦୁଇଦିନ ଧରି ନବବର୍ଷ କାର୍ଯ୍ୟକ୍ରମ ଧୁମଧାମ୍‌ରେ ପାଳିତ ହୋଇଛି। ଏଥିରେ ତେଲକୋଇ ଜିଲ୍ଲାପରିଷଦ ସଭ୍ୟା ଛୈଳବାଳା ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆଧ୍ୟାତ୍ମିକତା ହିଁ ଜୀବନର ଶ୍ରେଷ୍ଠ ମାର୍ଗ ବୋଲି କହିଥିଲେ। ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ଡା. ସ୍ୱପ୍ନେଶ୍ୱର ଗଡ଼ନାୟକ ମନକୁ ଛାଡି ବିବେକ ଦ୍ୱାରା ଚାଲିଲେ ଆମେ ଉଚ୍ଚତମ ଲକ୍ଷରେ ପହଞ୍ଚି ପାରିବା ବୋଲି କହିଥିଲେ। ଅବସରପ୍ରାପ୍ତ ସେନା କର୍ମଚାରୀ ଆଦିକନ୍ଦ ସାହୁ ଜୀବନର ବିଶେଷତା ଉପରେ ବକ୍ତବ୍ୟ ରଖିଥିବା ବେଳେ ମୁଖ୍ୟ ସଞ୍ଚାଳିକା ବ୍ରକୁ ପାର୍ବତୀ ସମସ୍ତଙ୍କୁ ନବବର୍ଷର ଅଭିନନ୍ଦନ ଜ୍ଞାପନ କରିଥିଲେ। ଇଶ୍ୱରୀୟ ବିଶ୍ୱବିଦ୍ୟାଳୟର କର୍ମୀ ଓ କୁନି କୁନି ଶିଶୁ ମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା।

ଲୁଟିଗଲାଣି ଦେଓଗାଁର ହାତୀ ଦରଜା

## ଦୃଶ୍ୟମାନ ହେଉନି କୁଶଳେଶ୍ୱର ମନ୍ଦିରର ସୌନ୍ଦର୍ଯ୍ୟ



**ଆନନ୍ଦପୁର,୩।୧(ସମିସ):** ଓଡ଼ିଶାର ସର୍ବପୁରାତନ ଶୈବ ପୀଠ ମାନଙ୍କ ମଧ୍ୟରୁ ଅନ୍ୟତମ ପ୍ରସିଦ୍ଧ ଶ୍ରୀ କୁଶଳେଶ୍ୱର ମନ୍ଦିରର ସୌନ୍ଦର୍ଯ୍ୟ ଦିନକୁ ଦିନ ଲୁଚି ଯାଉଥିବାରୁ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ମନ୍ଦିରର ଦୁଇଟି ଦ୍ୱାର ରକ୍ଷଣାବେକ୍ଷଣ ଓ ତଦାରଖ ଅଭାବରୁ ବ୍ୟବହାର ଅନୁପଯୋଗୀ ହୋଇପଡ଼ିଥିବା ବେଳେ ହାତୀ ଦରଜା (ଦ୍ୱାର) ଧୀରେ ଧୀରେ ଲୁଚି ଯାଉଥିବାରୁ କୁଶଳେଶ୍ୱର ପୀଠର ସୌନ୍ଦର୍ଯ୍ୟ ଆଉ ଦୃଶ୍ୟମାନ ହେଉନଥିବା ପରିଲକ୍ଷିତ ହୋଇଛି। ପ୍ରାୟ ୧୧୦୦ ଖ୍ରୀଷ୍ଟାବ୍ଦରେ ନିର୍ମିତ ହୋଇଥିବା ଏହି ମନ୍ଦିରରେ ଅନେକ କିର୍ତୀରାଜି ଭରପୁର ହୋଇଥିଲେ ହେଁ, ଆନ୍ତରିକତା ଅଭାବରୁ ଏହି ପୀଠର ପରିଚାଳନାରେ ବ୍ୟତିକ୍ରମ ହେଉଥିବାରୁ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଦେବୋତ୍ତର ବିଭାଗ ଦ୍ୱାରା ପରିଚାଳିତ ଏହି ମନ୍ଦିର ପାଇଁ ପରିଚାଳନା କମିଟି ନ ଥିବା ବେଳେ ଦାୟିତ୍ୱରେ ଥିବା ବିଶୋଇଙ୍କ ବାର୍ଦ୍ଧକ୍ୟଜନୀତ ଅସୁସ୍ଥତା ମନ୍ଦିର ସୁପରିଚାଳନାରେ ବାଧକ ହୋଇଛି। ରାଜ୍ୟର ବିଭିନ୍ନ ସ୍ଥାନରୁ ପ୍ରତିଦିନ ଅନେକ ଶ୍ରଦ୍ଧାଳୁ ଓ ଯାତ୍ରୀମାନଙ୍କ ସମାଗମ ହେଉଥିଲେ ମଧ୍ୟ ମନ୍ଦିର ପରିସରରେ ବିଶୁଦ୍ଧ ପାନୀୟଜଳର ବ୍ୟବସ୍ଥା ନ ଥିବାରୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଶ୍ରୀ କୁଶଳେଶ୍ୱରଙ୍କ ମହିମା ଓ କିମ୍ବଦନ୍ତୀ ସର୍ବଜନବିଦିତ ହୋଇଥିବାରୁ ଭକ୍ତି ଓ ବିଶ୍ୱାସ ଶ୍ରଦ୍ଧାଳୁମାନଙ୍କୁ ଆକର୍ଷିତ କରିଥାଏ; ହେଲେ ଦେବୋତ୍ତର ବିଭାଗର ତଦାରଖ ଅଭାବରୁ ଏହି ପୀଠର ଗାରିମା ଓ ସୌନ୍ଦର୍ଯ୍ୟ ଧୀରେ ଧୀରେ ନଷ୍ଟ ହେବାକୁ ବସିଲାଣି। ମନ୍ଦିରର ଉନ୍ନତିକରଣ ପାଇଁ ଚତୁଃପାଶ୍ୱର୍ରେ ବହୁ ପରିମାଣର ଦେବୋତର ଜାଗା ଖୋଲାପଡିଥିଲେ ମଧ୍ୟ ତାହାର ସଦୁପଯୋଗ କରାଯାଉ ନ ଥିବାରୁ ଏହି ପ୍ରାଚୀନ ପୀଠର ଶୋଭାବର୍ଦ୍ଧନ ହୋଇପାର ନାହିଁ। ଏଣୁ ଶ୍ରୀ କୁଶଳେଶ୍ୱର ମହେଶଙ୍କ ପୀଠର ସମ୍ମୁଖରେ ଥିବା ସିଂଘଦ୍ୱାର ପରି ହାତୀ ଦରଜା(ଦ୍ୱାର)କୁ ମୁକ୍ତ କରାଯାଇ ପାରିଲେ ଏହି ପୀଠର ସୌନ୍ଦର୍ଯ୍ୟ ଶ୍ରଦ୍ଧାଳୁମାନଙ୍କ ମନରେ ଭାବ ଓ ଭକ୍ତି ଚିନ୍ତାଧାର ସୃଷ୍ଟି କରିପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ରାମଚନ୍ଦ୍ରପୁର ପୁଲିସ ପକ୍ଷରୁ ଟ୍ରାଫିକ୍ ସଚେତନତା

**ଘସିପୁରା,୩।୧(ସମିସ):** ରାମଚନ୍ଦ୍ରପୁର ଥାନା ଆମ ପୁଲିସ ସମିତି ପକ୍ଷରୁ ସାଇଁକୁଳ ପତିତପାବନ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଏକ ଟ୍ରାଫିକ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ଅମୂଲ୍ୟ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଆନନ୍ଦପୁର ଉପଖଣ୍ଡ ପୁଲିସ ଅଧିକାରୀ ପ୍ରଶାନ୍ତ କୁମାର ବେହେରା, ରାମଚନ୍ଦ୍ରପୁର ଥାନାର ଭାରାପ୍ରାପ୍ତ ଅଧିକାରୀ ବିଜୟ କୁମାର ସିଂହ, ଏସଆଇ ରବୀନ୍ଦ୍ର ମୁଣ୍ଡାରୀ, ଫାଣ୍ଡି ଅଧିକାରୀ ସୁରେଶ କୁମାର ମାଝୀ ପ୍ରମୁଖ ଯୋଗଦେଇ ଥିଲେ। ନିଶାଶକ୍ତ ହୋଇ ଗାଡି ଚାଳନା ଠାରୁ ଦୂରେଇ ରହିଲେ ଦୁର୍ଘଟଣାକୁ ଏଡ଼ାଇ ଦେଇହେବ। ଏହାକୁ ନିଜ ଜୀବନ ଚର୍ଯ୍ୟାରେ ଉପଯୋଗ କଲେ ଯାଇ ଦୁର୍ଘଟଣା ହ୍ରାସ ପାଇବ ବୋଲି ପୁଲିସ ଅଧିକାରୀ ଛାତ୍ରଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ କହିଥିଲେ। +୩ ଅଧ୍ୟକ୍ଷ ଶରତ କୁମାର ଜେନା,ଏନ୍‌ସିସି ଅଧିକାରୀ ଲେଫ୍ଟନାଣ୍ଟ ଜୟଦେବ ଦାଶ, ମୋ କଲେଜ ଅଭିଯାନର ସଂଯୋଜକ ଅଧ୍ୟାପକ ପ୍ରତାପରୁଦ୍ର ରାଉତଙ୍କ ସମେତ କଲେଜର ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ ଉପସ୍ଥିତ ଥିଲେ। ଇରାଜୀ ଅଧ୍ୟାପକ ସବିତାରାଣୀ ମିଶ୍ର ଅତିଥିମାନଙ୍କୁ କଲେଜ ତରଫରୁ କୃତଜ୍ଞତା ଜ୍ଞାପନ କରିଥିଲେ।

## କେଜେଏସ୍ କାରଖାନାରେ ବିସ୍ଫୋରଣ

**ବଡ଼ବିଲ,୩।୧(ସମିସ):** କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣିମଣ୍ଡଳ ଗୁଆଲି ପଞ୍ଚାୟତ ଲୋଇଡ଼ାପଦା ଅଧୀନ କେଜେଏସ୍ ଆଲୁୱାଲିଆ ଷ୍ଟିଲ୍ ଆଣ୍ଡ ପାୱାର କାରଖାନାରେ ବୁଧବାର ମଧ୍ୟାହ୍ନରେ ବିସ୍ଫୋରଣ ଘଟିଛି। କାରଖାନାର ଏସ୍‌ଏମ୍‌ଏସ୍‌ନ ୧ରେ ଏହି ବିସ୍ଫୋରଣ ଘଟିବା ସମୟରେ ଏକ ହାଇୱା ଗାଡି ସେଠାରେ ଖଣିଜ ଢାଲୁ ଥିବାବେଳେ ଗାଡ଼ିରେ ନିଆଁ ଲାଗିଯାଇଥିଲା। ଗାଡ଼ି ଚାଳକ ସାମାନ୍ୟ ଆହତ ହୋଇ ବର୍ତ୍ତିଯାଇଛନ୍ତି। ସେହି ଅଞ୍ଚଳରେ ଥିବା ବିଭିନ୍ନ କାରଖାନା ମାନଙ୍କରେ ସୁରକ୍ଷା ଅଭାବରୁ ବାରମ୍ବାର ଦୁର୍ଘଟଣା ଘଟି ଧନ ଜୀବନ ହାନି ହେଉଥିବାରୁ ପ୍ରଶାସନ ତରଫରୁ ନିୟମିତ ବ୍ୟବଧାନରେ ଯାଞ୍ଚ କରିବାକୁ ସାଧାରଣରେ ମତ ପ୍ରକାଶ ପାଇଛି।




## କ୍ରିକେଟ୍ ପ୍ରତିଯୋଗିତା
## ଭୁବନେଶ୍ୱରକୁ ହରାଇ ଭଦ୍ରକ ଚାମ୍ପିଅନ



**ଘସିପୁରା,୩।୧(ସମିସ)**

ଘସିପୁରା ବ୍ଲକ୍ ଗଡ଼ବାନ୍ଧଗୋଡ଼ା ମା' ଖଣ୍ଡୁରୀମାତା କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ଆରଜେ ଲଭର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଭୁବନେଶ୍ୱର କମାଣ୍ଡୋକୁ ହରାଇ ଭଦ୍ରକ ଇମେଜ୍ ଏକାଦଶ ଚଳିତ ବର୍ଷ ଚାମ୍ପିଅନ ହୋଇଛି। ଫାଇନାଲ ମ୍ୟାଚ୍‌ରେ ପ୍ରଥମ ଭଦ୍ରକ ଇମେଜ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୧୮ ୯ ରନ୍ ସଂଗ୍ରହ କରିଥିଲା। ଏହାର ଯବାବରେ ଭୁବନେଶ୍ୱର କମାଣ୍ଡୋ ମାତ୍ର ୧୫ ଓଭରରେ ସମସ୍ତ ୱିକେଟ୍ ହରାଇ ମାତ୍ର ୯୦ ରନ ସଂଗ୍ରହ କରି ପାରିଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ଯୁବ ବିଜେଡି ଉପ ସଭାପତି ସୌମ୍ୟଶଙ୍କର ଚକ୍ର, ସମ୍ମାନିତ ଅତିଥି ଭାବେ ସମାଜସେବୀ ମନ୍ମଥ କୁମାର ରାଉତ, ଘଟଗାଁ ବିଜେଡି ସଂଗଠକ ସଞ୍ଜୟ ମିଶ୍ର, ମୁକୁନ୍ଦପୁର ପାଟଣା ସରପଞ୍ଚ ଅନ୍ନପୂର୍ଣ୍ଣା ଦେହୁରୀ, ସମାଜସେବୀ ଦେବରଞ୍ଜନ ସାହୁ, ଅଳତି ସରପଞ୍ଚ ପ୍ରିୟବ୍ରତ ବରାଳ ପ୍ରମୁଖ ଯୋଗ ଦେଇ ଚାମ୍ପିଅନ ଦଳକୁ ନଗଦ ୫୦ ହଜାର ଟଙ୍କା ଅର୍ଥରାଶି ସହ ଟ୍ରଫି ଏବଂ ଉପ ବିଜେତା ଦଳକୁ ନଗଦ ୩୫ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଆକର୍ଷଣ ଥିଲେ ଓଡିଆ ସିନେ ଅଭିନେତ୍ରୀ ପୁନମ ମିଶ୍ର। ଅମ୍ପାୟାର ଭାବେ ମନୋଜ କୁମାର, ପିଣ୍ଟୁ ନାଥ, ବାବୁ ଦାସ ଖେଳ ପରିଚାଳନା କରିଥିଲେ। ସ୍କୋରର ମିଥୁନ, କାହ୍ନୁ, ମିସାର ଏବଂ ଧାରା ବିବରଣୀ ବୁଦ୍ଧଦେବ ମହାରଣା ଓ ଅନୁକୂଳରୁ ଆସିଥିବା ପିଙ୍କୁ ଦାସ ଧାରା ବିବରଣୀ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବକୁ ଭାସ୍ୟକାର ବୁବୁ ସିହ୍ନା ପରିଚାଳନା କରିଥିବାବେଳେ ଟୁର୍ଣ୍ଣାମେଣ୍ଟ ଆୟୋଜନରେ ମା'ଖଣ୍ଡୁରୀ ମାତା କ୍ରିକେଟ କ୍ଲବ ଏବଂ ଆରଜେ ଲଭର ପକ୍ଷରୁ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

■ ଆନନ୍ଦପୁରରେ ନବୀନ ଓଡ଼ିଶା କ୍ରୀଡ଼ା କାର୍ଯ୍ୟକ୍ରମ

## ସରକାରୀ ବାଳିକା ବିଦ୍ୟାଳୟ ଜିଲ୍ଲାକୁ ମନୋନୀତ



**ଆନନ୍ଦପୁର,୩।୧(ସମିସ):** ଆନନ୍ଦପୁରରେ ଚାଲିଥିବା ନୂଆ-ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର କ୍ରୀଡ଼ା ପ୍ରତିଯୋଗିତା ଶେଷ ହୋଇଛି। ଏହି ପ୍ରତିଯୋଗିତାରେ ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ବିଦ୍ୟାଳୟରୁ ଛାତ୍ରଛାତ୍ରୀମାନେ ଖୋ ଖୋ ଖେଳରେ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ଆନନ୍ଦପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଶ୍ରେଷ୍ଠ ବିବେଚିତ ହୋଇ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଥିଲା। ଏହି ଦଳରେ ସରକାରୀ ବାଳିକା ବିଦ୍ୟାଳୟର ଛାତ୍ରୀ ବିନମ୍ରତା ରାମ, ଲକ୍ଷ୍ମୀପ୍ରିୟା ସାହୁ, ଅଙ୍କିତା ନାୟକ, ଶୁଭସ୍ରୀ ମିଶ୍ର ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଯୋଗ ଦେବା ପାଇଁ ଯାଇଥିବା ଜଣାଯାଇଛି। ଏହି ଖେଳକୁ କୋଚ୍ ବୁଲୁ ପଟ୍ଟନାୟକ ଓ ଭରତଚନ୍ଦ୍ର ମିଶ୍ର ପରିଚାଳନା କରିଥିଲେ।

■ ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ଗୁରୁତର

## ୨୦ ନଂ ଜାତୀୟ ରାଜପଥ ମରଣଯନ୍ତା

**ବେଲବାହାଲ,୩।୧(ସମିସ):** କେନ୍ଦୁଝର ଜିଲ୍ଲାର ଲାଇଫ୍‌ଲାଇନ କହୁଥିବା ୨୦ ନଂ ଜାତୀୟ ରାଜପଥ ଏବେ ଅସୁରକ୍ଷିତ। ଦୀର୍ଘଦିନ ହେବ ଖପରାଖାଇ ଛକରୁ ବେଲବାହାଳି ବାଇପାସ୍ ପର୍ଯ୍ୟନ୍ତ ରାସ୍ତା ଅଧାପନ୍ତରିଆ ଏବଂ ରଙ୍ଗରୁଟ୍‌ରେ ଗାଡି ଚଳାଚଳ ଯୋଗୁ ପ୍ରତିଦିନ ଦୁର୍ଘଟଣା ଘଟୁଥିବା ବେଳେ ଆଜି ପୁଣି ବାରିଙ୍ଗା ଛକ ନିକଟରେ ଟ୍ରକ ଓ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ବଳରାମପୁର ଗ୍ରାମର କଳାକାର ବିଶ୍ୱାଳଙ୍କ ପୁଅ ରିତେଶ ବିଶ୍ୱାଳ ସ୍ଥାନୀୟ ବେଲବାହାଳି ଅଞ୍ଚଳରୁ କାମ ସାରି ବାଇକ୍ ଯୋଗେ ଘରକୁ ଫେରୁଥିବା ସମୟରେ ବାରିଙ୍ଗା ଛକ ନିକଟରେ ସାମନାପଟୁ ଆସୁଥିବା ଏକ ଟ୍ରକ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ବାଇକ୍ ଚାଳକ ଟ୍ରକ୍ ଚକା ତଳେ ଚାପିହୋଇ ରହିଥିଲେ। ସ୍ଥାନୀୟ ପଥଚାରୀ ଏହାକୁ ଦେଖି ପ୍ରଥମେ ଅଗ୍ନିଶ୍ରମ ବାହିନୀଙ୍କୁ ଖବର ଦେଇଥିଲେ। ଅଗ୍ନିଶ୍ରମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରି ପ୍ରଥମେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିବା ସୂଚନା ମିଳିଛି। ତେବେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଉଭୟ ଗାଡ଼ିକୁ ଜବତକରି ଘଟଣାର ତଦନ୍ତ ଆରମ୍ଭ କରିଛି।



### ଗୈବ ପର୍ବତରେ ପଣ୍ଡୁମେଳା ମହୋତ୍ସବ ଉଦ୍‌ଯାପିତ

# ହଜାର ହଜାର ସାଧୁସନ୍ଥ ଓ ଭକ୍ତଙ୍କ ସମାଗମ

ବଡଡାଲିମା/ତିରିଙ୍ଗ,୩।୧(ସମିସ): ପବିତ୍ର ପଣ୍ଡୁ ପୂର୍ଣ୍ଣିମା ଅବସରରେ ବଡଡାଲିମା ମଙ୍କିଡିଘାଟି ଗୈବ ପର୍ବତର ପାଦଦେଶରେ ସ୍ୱାମୀ ଗୈବା ନନ୍ଦଜୀ ପରମହଂସ ଦ୍ୱାରା ପ୍ରତିଷ୍ଠିତ ଶାନ୍ତି ସାଧନା ଆଶ୍ରମରେ ପଣ୍ଡୁ ମହୋତ୍ସବ ଗତ ୨୬ ତାରିଖରୁ ଆରମ୍ଭ ହୋଇ ୨୮ ତାରିଖରେ ଉଦ୍‌ଯାପିତ ହୋଇଯାଇଛି। ଏହି ମହୋତ୍ସବ ଗଇବ ପର୍ବତ ଉପରେ ଥିବା ସ୍ୱାମୀ ଗଇବା ଏହି ଦିନରେ ହୋଇଆସୁଛି। ଏଥିରେ ଓଡ଼ିଶା ସମେତ ଜମ୍ମୁ କାଶ୍ମୀର, ପଞ୍ଜାବ, ଉତ୍ତରାଖଣ୍ଡ, ମଧ୍ୟପ୍ରଦେଶ, ଗୁଜରାଟ, ରାଜସ୍ଥାନ, ଛତିଶଗଡ଼, ଉତ୍ତର ପ୍ରଦେଶ, ବିହାର, ଝାଡ଼ଖଣ୍ଡ ରାଜ୍ୟର ବାବା ଗୈବା ନନ୍ଦଙ୍କ ହଜାର ହଜାର ଭକ୍ତ, ଆଶ୍ରିତ, ଗୃହସ୍ଥ ଓ ଦେଶର ବିଭିନ୍ନ ପ୍ରାନ୍ତରରୁ ସାଧୁସନ୍ଥ ଏହି ମହୋତ୍ସବ ପାଇଁ ଆସିଥାନ୍ତି। ମଙ୍ଗଳବାର ପଣ୍ଡୁ ଉତ୍ସବ ଆରମ୍ଭରେ ଶହ




ନନ୍ଦଜୀ ପରମହଂସଙ୍କ ମନ୍ଦିର ତଥା ଆଶ୍ରମ ପରିସରରେ ଧୁମଧାମରେ ପାଳିତ ହୁଏ। ସୂଚନା ଅନୁସାରେ, ଗତ ୧୯୯୭ ମସିହାରେ ବାବାଙ୍କ ସମାଧି ପରେ ପରେ ଆଶ୍ରମର ମୁଖ୍ୟ ସଞ୍ଚାଳିକା ମାତାଜୀ ପୂର୍ଣ୍ଣା ଦେବୀଙ୍କ ନେତୃତ୍ୱରେ ଧାର୍ମିକ ମହୋତ୍ସବ ଓ ଆଧ୍ୟାତ୍ମିକ ଚେତନାର ମହାମିଳନ ଶହ ଶ୍ରଦ୍ଧାଳୁ ପର୍ବତର ପାଦଦେଶରୁ ପାହାଡ ଶୀର୍ଷରେ ଥିବା ମନ୍ଦିର ଯାଏଁ ଲମ୍ବିଥିବା ୬୬୭ଟି ପାହାଚ ଚଢି ବାବାଙ୍କ ମନ୍ଦିର ଦର୍ଶନ କରିଥାନ୍ତି। ପ୍ରଥମ ସୋପାନରେ ମାତାଜୀ ପୂର୍ଣ୍ଣଦେବୀ ପର୍ବତ ଉପରେ ଥିବା ଗାଇବ ମନ୍ଦିରରେ ଅନୁଷ୍ଠିତ ଧ୍ୱଜାରୋହଣ ଉତ୍ସବରେ ସମବେତ ଶ୍ରଦ୍ଧାଳୁଙ୍କୁ ସମ୍ବୋଧିତ କରିଥିଲେ। ବୁଧବାର ଗୈବ ପର୍ବତ ପରିକ୍ରମା ଓ ପ୍ରବଚନ ଅନୁଷ୍ଠିତ ହୋଇଥିଲା। ଗୁରୁବାର ଆୟୋଜିତ ଭଣ୍ଡାରା ନାମରେ ପରିଚିତ ବିଶାଳ ପ୍ରସାଦ ସେବନ କାର୍ଯ୍ୟକ୍ରମରେ ହଜାର, ହଜାର ଭକ୍ତ ପ୍ରସାଦ ସେବନ କରିଥିଲେ। ତାପରଦିନ ବାଘିଆଳୟାରେ ଥିବା ପୂର୍ଣ୍ଣକୁଟୀର ପରିଦର୍ଶନ ସହ ପୂଜାର୍ଚ୍ଚନା ମାଧ୍ୟମରେ ଉତ୍ସବ ଉଦ୍‌ଯାପନ ହୋଇଯାଇଛି। ଉଲ୍ଲେଖ ଥାଉକି ୧୯୫୫ ମସିହାରେ ବାବା ପ୍ରଥମେ ଏହି ଆଶ୍ରମ ପ୍ରତିଷ୍ଠା କରିଥିଲେ। ବାବାଙ୍କ ଜୀବନୀ ତଥା ତାଙ୍କ ବାଣୀର ବିଶିଷ୍ଟ ଲେଖକ ଦୀନବନ୍ଧୁ ନାୟକଙ୍କ ସୂଚନା ମୁତାବକ ୧୯୭୮ ମସିହାରେ ଏଭଳି ଉତ୍ସବର ପରିକଳ୍ପନା ନିମନ୍ତେ ଆଶ୍ରମର କଳ୍ପବୃକ୍ଷ ନିକଟରେ ନିଷ୍ପତି ନିଆଯାଇଥିଲା। ସମ୍ଭବତଃ ଏହି ଅଞ୍ଚଳ ତଥା ମୟୂରଭଞ୍ଜର ସବୁଠାରୁ ଅଧିକ ଚର୍ଚ୍ଚିତ ଧାର୍ମିକ ସତସଙ୍ଗ ଓ ଆଧ୍ୟାତ୍ମିକ ମହାମିଳନର ମହାଉତ୍ସବ ରୂପେ ଆଦୃତ ଏହି ମେଳା ପରିଚାଳନାରେ ଶାନ୍ତି ସାଧନା ସଂଘର ସଭାପତି ଉତ୍ତମ କୁମାର ମହାପାତ୍ର ଓ ସମ୍ପାଦକ ଶ୍ରୀଧର ମହାପାତ୍ର, ଡ଼କ୍ଟର ଉଜ୍ଜ୍ୱଳ ମହାପାତ୍ର, ରାଜୁ ବସା, ଗଣେଶ ବସା ପ୍ରମୁଖ ଶତାଧିକ ସ୍ୱେଚ୍ଛାସେବୀ ପରିଚାଳନାରେ ସହଯୋଗ କରିଥିଲେ।

## ଶୀତଳ ପାନୀୟ ଜଳପ୍ରକଳ୍ପ ଅଚଳ

ରାଇରଙ୍ଗପୁର,୩।୧(ସମିସ): ପୌର ପରିଷଦ ଅଞ୍ଚଳରେ ବିଭିନ୍ନ ଅନୁଷ୍ଠାନ, ସମାଜସେବୀ, ବ୍ୟବସାୟୀଙ୍କ ପକ୍ଷରୁ ରାଇରଙ୍ଗପୁର ସହରରେ ଯୋଗାଇ ଦିଆଯାଇଥିବା ଥଣ୍ଡା ପାନୀୟ ପ୍ରକଳ୍ପଗୁଡ଼ିକ ଏବେ ଅଚଳ ଅବସ୍ଥାରେ ରହିଛି। ଗତ ଏକବର୍ଷରୁ ଅଧିକ ହେଲା ଜଳପ୍ରକଳ୍ପ ଗୁଡ଼ିକ ଅଚଳ ହୋଇଯାଇଛି। ଫଳରେ ସହରକୁ ଦୂରଦୂରାନ୍ତରୁ ଆସୁଥିବା ଲୋକେ



ପିଇବା ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉପଜିଲ୍ଲାପାଳ କାର୍ଯ୍ୟାଳୟ ସାମ୍ନା, ଓକିଲ ସଂଘ କାର୍ଯ୍ୟାଳୟ ନିକଟ, ତହସିଲ କାର୍ଯ୍ୟାଳୟ ସାମ୍ନା, ମାଉସୀ ମା' ମନ୍ଦିର ସାମ୍ନାରେ ଥିବା ଶୀତଳ ପାନୀୟ ଜଳ ପ୍ରକଳ୍ପ ଅଚଳ ଅବସ୍ଥାରେ ରହିଛି। ରାଇରଙ୍ଗପୁର ପୌର ପରିଷଦ ଅଂଚଳରେ ଉପଜିଲ୍ଲାପାଳ କାର୍ଯ୍ୟାଳୟ, ତହସିଲ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ, ପଶୁ ଡାକ୍ତରଖାନା, ଜିଲ୍ଲା କୃଷି କାର୍ଯ୍ୟାଳୟ, ପରିବହନ ବିଭାଗ ସହିତ ବିଭିନ୍ନ ବିଭାଗର ମୁଖ୍ୟ କାର୍ଯ୍ୟାଳୟ ରହିଛି। ସେଗୁଡ଼ିକରେ ନିଜ ନିଜ କାର୍ଯ୍ୟ ପାଇଁ ପ୍ରତିଦିନ ଦୂରଦୂରାନ୍ତରୁ ଲୋକେ ଏଠାକୁ ଆସିଥାନ୍ତି। ସବୁଠାରୁ ଅଧିକ ଭିଡ଼ ଉପଜିଲ୍ଲାପାଳ କାର୍ଯ୍ୟାଳୟ ଓ କଚେରୀ ପରିସରରେ ରହିଥାଏ। ଉକ୍ତ ସ୍ଥାନରେ ଲୋକମାନଙ୍କ ପାଇଁ ପାନୀୟ ଜଳର ସୁବିଧା ପାଇଁ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଗୁଡ଼ିକ ଲଗାଯାଇଥିଲା; ହେଲେ ଏବେ ଅଚଳ ହୋଇପଡିବାରୁ ଲୋକେ ହନ୍ତସନ୍ତ ହେଉଛନ୍ତି। ତେଣୁ ରାଇରଙ୍ଗପୁର ସହରର ବିଭିନ୍ନ ସ୍ଥାନରେ ଅଚଳ ହୋଇଥିବା ଜଳପ୍ରକଳ୍ପଗୁଡ଼ିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦୃଢ଼ ଦାବି ହେଉଛି।

## 'ବୈଶିଙ୍ଗା ମହୋତ୍ସବ'ର ଦ୍ୱିତୀୟ ସନ୍ଧ୍ୟା



ବୈଶିଙ୍ଗା,୩।୧(ସମିସ): ବୈଶିଙ୍ଗା ମହୋତ୍ସବ-୨୦୨୪ ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗ ଦେଇ ମହୋତ୍ସବକୁ ଉଦଘାଟନ କରିବା ସହିତ ଛନ୍ଦ ମାଧ୍ୟମରେ ଗାଁର ସଂସ୍କୃତି ସମ୍ବନ୍ଧରେ କବି ସଚ୍ଚିଦାନନ୍ଦ ରାଉତରାୟଙ୍କ ଛୋଟ ମୋର ଗାଁଟିର କଥା ବଖାଣିଥିଲେ। ମହୋତ୍ସବ କମିଟି ସଭାପତି ଦେବେନ୍ଦ୍ର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ହରିହର ଖଟୁଆ, ସମ୍ମାନୀତ ଅତିଥି ଭାବେ ବେତନଟୀ ବନାଞ୍ଚଳ ଅଧିକାରୀ ଯୋଗ ଦେଇଥିଲେ। ସଭାପତି ଦେବେନ୍ଦ୍ର କୁମାର ପଣ୍ଡା ମହୋତ୍ସବର ସ୍ଥାନ ମହୁରୀ ଉଡାପଡିଆ ସ୍ଥାନ ପାଇ ଥିବାରୁ ଏହି ଗ୍ରାମବାସୀଙ୍କ ସମେତ ବୈଶିଙ୍ଗା ଅଞ୍ଚଳର ସମସ୍ତଙ୍କୁ ନବବର୍ଷର ଶୁଭ କାମନା ଜଣାଇଥିଲେ।

## ଭାଲୁ କାମୁଡାରେ ଯୁବକ ଗୁରୁତର

ମହୁଲଡିହା,୩।୧(ସମିସ): ସାତକୋଶିଆ ବନାଞ୍ଚଳ ଅନ୍ତର୍ଗତ ଭାଲିଆଡାଳ ପଞ୍ଚାୟତର ଜଣେ ଯୁବକ ଭାଲୁ ଆକ୍ରମଣରେ ଗୁରୁତର ହୋଇଥିବା ଜଣାପଡିଛି। ମଙ୍ଗଳବାର ଭୋର ସକାଳୁ ଭାଲିଆଡାଳ ଗ୍ରାମର ଗାର୍ଦି ହୋ (୪୦) ଶୌଚ ହେବା ପାଇଁ ନାଳ ପାଖକୁ ଯାଉଥିଲେ। ଏହି ସମୟରେ ଜଙ୍ଗଲ ଭିତରୁ ୨ଟି ଭାଲୁ ହଠାତ୍ ଦୌଡି ଆସି ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ହୋଇପଡିଥିଲେ। ସେ କୌଣସି ପ୍ରକାରେ ନିଜକୁ ରକ୍ଷାକରି ଘରକୁ ପଳାଇ ଆସିଲେ। ପରେ ତାଙ୍କ ସାନ ଭାଇ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଓ ଡାହାଣ କାନ ମଧ୍ୟ ଛିଣ୍ଡିଯାଇଛି। ସେ ଏବେ ମଧ୍ୟ ଚିକିତ୍ସାଧୀନ ଅଛନ୍ତି।

## ଯୁବକଙ୍କ ମୃତଦେହ ଉଦ୍ଧାର

କପ୍ତିପଦା,୩।୧(ସମିସ): କପ୍ତିପଦା ଥାନା ବଡଖଲାଡି ପଞ୍ଚାୟତ ଅଧୀନ ନଛିପୁର ଗ୍ରାମରେ ଜଣେ ଯୁବକଙ୍କ ଏକ ଗଛରୁ ମୃତଦେହ ଉଦ୍ଧାର ହୋଇଛି। ଗ୍ରାମର ସତ୍ୟ ମଢେଇ (୧୯) ଗତରାତ୍ରିରେ ଘରୁ ନିଖୋଜ ହୋଇଯାଇଥିଲେ। ଆଜି ଗ୍ରାମ ନିକଟ ମାଟିହୁଡି ନିକଟରେ ଏକ ଗଛରେ ତାଙ୍କର ମୃତଦେହ ଝୁଲୁଥିବା ଲୋକେ ଦେଖିଥିଲେ। ପରେ ପୁଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁକରି ଅଧିକ ତଦନ୍ତ ଜାରି ରଖିଛି।

## ସଟ୍ ସର୍କିଟରୁ ବାଲିଗଡ଼ିଆରେ ଅଗ୍ନିକାଣ୍ଡ

କୁଆମରା,୩।୧(ସମିସ): ଗୋପବନ୍ଧୁ ନଗର ବ୍ଲକ କୁଆମରା ପଞ୍ଚାୟତ ବାଲିଗଡିଆ ଗ୍ରାମର କରୁଣାକର ସିଂଙ୍କ ଘରେ ବିଦ୍ୟୁତ୍ ସଟ୍ ସର୍କିଟରୁ ଅଗ୍ନିକାଣ୍ଡ ଘଟି ଘରେ ଥିବା ସମସ୍ତ ଆସବାବପତ୍ର ସମେତ ୩ ହଜାର ଟଙ୍କା ଜଳିଯାଇଛି। ଗ୍ରାମବାସୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି।

## ନୂଆବର୍ଷରେ ଜାନୁମଘୁଟୁରେ ଆଦିବାସୀ ଡ୍ରାମା ପ୍ରତିଯୋଗିତା



ଝରାଡିହି,୩।୧(ସମିସ): ବହଳଦା ବ୍ଲକ ଗିଦିଘାଟି ଗ୍ରାମପଞ୍ଚାୟତ ନେସାଡ୍ୟାମ ଜାନୁମଘୁଟୁ ଗ୍ରାମରେ ନୂଆବର୍ଷରେ ବଣ ଭୋଜି କରିବାକୁ ଝାରଖଣ୍ଡ, ଓଡିଶା, ବିହାର, ବେଙ୍ଗଲରୁ ଆସିଥିବା ପର୍ଯ୍ୟଟକଙ୍କୁ ଉତ୍ସାହିତ କରିବା ଉପଲକ୍ଷେ ୨୨ତମ ବାର୍ଷିକ ଆଦିବାସୀ ଡ୍ରାମା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୬ଟି ଆଦିବାସୀ ଡ୍ରାମା ଦଳ ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ପ୍ରଥମ ରାଣୀପାଳ ଡ୍ରାମା ଦଳ, ଦ୍ୱିତୀୟ ପୁରସ୍କାର ଭାବେ ଡୁପାଘୁଟୁ ଡ୍ରାମା ଦଳକୁ ଛେଳି ଖାସି, ତୃତୀୟ ପୁରସ୍କାର ଭାବେ ସେକ୍ରେଜଗୋଡା ତେନ୍ତଲା ଝାରଖଣ୍ଡ ଦଳକୁ ଛେଳି ଖାସି, ଚତୁର୍ଥ ପୁରସ୍କାର ଭାବେ ଡଲସରା ଡ୍ରାମା ଦଳକୁ ଛେଳି ଖାସି, ପଞ୍ଚମ ପୁରସ୍କାର ଭାବେ ଦୁବ୍ଲାବେଡା ଡ୍ରାମା ଦଳକୁ ଛେଳି ଖାସି ଓ ଷଷ୍ଠ ପୁରସ୍କାର ଭାବେ ଜାନୁମଦାୱାଲ ଡ୍ରାମା ଦଳକୁ ମଧ୍ୟ ଛେଳି ଖାସି ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବଣ୍ଟନ ଉତ୍ସବରେ ବୀର ବିରସା ମେମୋରିଆଲ କ୍ଲବର ପ୍ରେସିଡେଣ୍ଟ ଦୁର୍ଗା ବେସ୍ରାଙ୍କ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ସମାଜସେବୀ ନାରାୟଣ ମହାନ୍ତି, ମୁଖ୍ୟ ବ୍ୟକ୍ତା ଭାବେ ଗିଦିଘାଟି ସରପଞ୍ଚ ସାଲହାଇ ବେସ୍ରା, ସମ୍ମାନିତ ଅତିଥିଭାବେ ଶିକ୍ଷକ ଗୋବର୍ଦ୍ଧନ ମୁଣ୍ଡାରି, ସମିତି ସଭ୍ୟ ଗିଦିଘାଟି ଗ୍ରାମପଞ୍ଚାୟତ ରାବଣ ମାହାଲି, ଅସନା ଗ୍ରାମପଞ୍ଚାୟତ ସରପଞ୍ଚ ବାଲେଶ୍ୱର ମୁର୍ମୁ, ଯଶିପୁର ଗ୍ରାମପଞ୍ଚାୟତ ସରପଞ୍ଚ କାଶୁ ମାଝି, ସମାଜସେବୀ ଉଦୟ କିସ୍କୁ ପ୍ରମୁଖ ପୁରସ୍କାର ବଣ୍ଟନ କରିଥିଲେ। ଶେଷରେ କ୍ଲବ ସେକ୍ରେଟାରୀ ମାନ୍ଦ୍ରା ବେସ୍ରା ଧନ୍ୟବାଦ ଦେଇଥିଲେ।

## ଜରୁକାରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଶୁଳିଆପଦା,୩।୧(ସମିସ): ଶୁଳିଆପଦା ବ୍ଲକ ଅନ୍ତର୍ଗତ କୋଷ୍ଟା ପଞ୍ଚାୟତ ଜରୁକା ଗ୍ରାମରେ ବ୍ଲକସ୍ତରୀୟ ଏକ ୬ଦିନିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଗତ ୨୬ରୁ ୩୧ ତାରିଖରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ଟୁର୍ଣ୍ଣାମେଣ୍ଟରେ କୋଷ୍ଟା ଡେଙ୍ଗାର ୧୧ ଟିମ୍



ଚାମ୍ପିଅନ ଓ ବଡଶୋଳ ଟିମ୍ ରନସ୍ ଅପ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଓଡ଼ିଶା କୃଷି ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି ରବୀନ୍ଦ୍ରନାଥ ସିଂହ ଏବଂ ସମ୍ମାନିତ ଅତିଥି ଭାବେ ଆଇନଜୀବୀ ବନମାଳୀ ବାରିକ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଶ୍ରୀ ସିଂହ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ବିଜେତା ଓ ଉପବିଜେତାଙ୍କୁ ପୁରସ୍କୃତ କରିଥିଲେ। ସତ୍ୟରଞ୍ଜନ ଧଳଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଘୋଷିତ କରାଯାଇଥିଲା।

## ସିନିୟର ସିଟିଜେନ୍ ସଂଘର ବାର୍ଷିକ ସାଧାରଣ ସଭା



ଉଦଳା,୩।୧(ସମିସ): ଉଦଳା ସିନିୟର ସିଟିଜେନ୍ ସଂଘର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଜୟଚନ୍ଦ୍ର ପତ୍ରୀ ସଭାପତିତ୍ୱ କରିଥିଲେ। ଜଗନ୍ନାଥ ପରିଡ଼ା ଭିଲ୍ଲା, ପୁରୁଣାପାଣି, ଭୀମତାଳିରେ ଅନୁଷ୍ଠିତ ଏହି ସଭାରେ ଶତାଧିକ ସଭ୍ୟ/ସଭ୍ୟା ଉପସ୍ଥିତ ହୋଇଥିଲେ। ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ ଓ ଡାଃ ମନୋରଂଜନ ମଲ୍ଲିକ୍ ଉପସ୍ଥିତ ହୋଇ ବାର୍ଦ୍ଧକ୍ୟ ବୟସରେ ଶରୀରର ବିଭିନ୍ନ ଅସୁବିଧା ଏବଂ ପ୍ରତିକାର ବିଷୟରେ ପରାମର୍ଶ ଦେଇଥିଲେ। ବୈଠକରେ ଐତିହ୍ୟ, ପରିବେଶ ଓ ପରମ୍ପରାକୁ ଭିତ୍ତି କରି ଆମ ମୟୂରଭଞ୍ଜକୁ ଖଣ୍ଡ ବିଖଣ୍ଡିତ କରି ବିଭାଜନ କରା ନ ଯାଉ, ଜନସଂଖ୍ୟାର ଆକଳନ କରାଯାଇ ମୟୂରଭଞ୍ଜର ଆଉ ଗୋଟିଏ ଲୋକସଭା ପଦ ସୃଷ୍ଟି, ଜାତିଗତ ଗଣନ ଅନୁସାରେ ମୟୂରଭଞ୍ଜର ୯ଟି ବିଧାନସଭା ଆସନ ମଧ୍ୟରୁ ୪ଟିକୁ ଅଣସଂରକ୍ଷିତ ବା ସାଧାରଣ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ରଖାଯାଉ, ଶାସନଗତ ସୁବିଧା ଦୃଷ୍ଟିରୁ ନୂତନ ବ୍ଲକ୍ ଗଠନ କ୍ଷେତ୍ରରେ ବିଚାର କରାଯାଇ ମୟୂରଭଞ୍ଜରେ ଅଧିକ ୪/୫ଟି ନୂତନ ବ୍ଲକ୍ ସୃଷ୍ଟି କରାଯାଉ, ଉଦଳା ଉପଖଣ୍ଡର ସର୍ବପୁରାତନ ଉଦଳା ମହାବିଦ୍ୟାଳୟର ଗୁଣାତ୍ମକ ବିକାଶ ପାଇଁ ପ୍ରଶାସନ ବିଶେଷ ଦୃଷ୍ଟି ଦେବା, ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ୧୨ଟି ୱାର୍ଡରେ ପାନୀୟ ଜଳ ଯୋଗାଣ ଆଳରେ ରାସ୍ତା ପାଖରେ ଅବାଧ ଖନନକୁ ବରିଷ୍ଠ ନାଗରିକ ସଂଘ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସଂଘର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କର ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ସଂଘକୁ ୫ ଲକ୍ଷ ଟଙ୍କା ମିଳିଥିବାରୁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଶେଷରେ ସହ ସଂପାଦକ ଅଶୋକ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।

## କଳିଙ୍ଗନଗର ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲା ବିଜେଏଏମ୍‌ଏମ୍

ବିଶୋଇ,୩।୧ (ସମିସ): ଗତ ୨୦୦୬ ମସିହା ଜାନୁଆରୀ ୨ ତାରିଖରେ ଯାଜପୁର ଜିଲ୍ଲା କଳିଙ୍ଗନଗରରେ ନିଜର ଜମି ଅଧିକାରକୁ ସାବ୍ୟସ୍ତ କରିବାକୁ ଯାଇ ପୁଲିସ ଗୁଳିରେ ୧୨ ଜଣ ନିରୀହ ଆଦିବାସୀ ମୃତ୍ୟୁବରଣ କରିଥିଲେ। ଏ ନେଇ ମଙ୍ଗଳବାର ଆଜି ବିଶୋଇଠାରେ ବିଚ୍ଛିନ୍ନାଞ୍ଚଳ ଝାଡ଼ଖଣ୍ଡ ଆଦିବାସୀ ଓ ମୂଳବାସୀ ମଞ୍ଚ (ବି.ଜେ. ଏ.ଏମ୍.ଏମ୍) ପକ୍ଷରୁ ସହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏଥିନିମନ୍ତେ ମଞ୍ଚର ରାଜ୍ୟ ସଭାପତି ରାମଚନ୍ଦ୍ର ହେମ୍ବ୍ରମଙ୍କ ଅଧ୍ୟକ୍ଷତାରେ ବିଶୋଇ ଡାକବଙ୍ଗଳାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ପ୍ରାକ୍ତନ ସାଂସଦ ଇଂ. ରାମଚନ୍ଦ୍ର ହାଁସଦା ଯୋଗଦେଇ ବିସ୍ଥାପନ ବିରୋଧୀ ଜନମଞ୍ଚ ଦ୍ୱାରା କଳିଙ୍ଗନଗର ଆଦିବାସୀ ଓ ମୂଳବାସୀ ଲୋକଙ୍କ ହକ୍ ଓ ଅଧିକାର ପାଇଁ କରାଯାଇଥିବା ଆନ୍ଦୋଳନ ଉପରେ ଆଲୋକପାତ କରିଥିଲେ। ଆଦିବାସୀମାନେ ଅଧିକ ଐକ୍ୟବଦ୍ଧ୍ୟ ହୋଇ ଶିଳ୍ପପତି ଓ ପୁଞ୍ଜିବାଦୀ ପ୍ରତି ରଖିଥିବା ସରକାରଙ୍କ ବିରୋଧରେ ହେଉଥିବା ସଂଗ୍ରାମକୁ ଅଧିକ ଶକ୍ତିଶାଳୀ କରିଥିଲେ। ଫଳରେ ରାଜ୍ୟ ସରକାର ପୁନର୍ବାସ ଓ ପୁନଃସ୍ଥାପନ ନୀତି ପ୍ରଣୟନ କରିବା ପାଇଁ ବାଧ୍ୟ ହୋଇଥିଲେ। ଦୁଃଖର କଥା ଏବେ ପର୍ଯ୍ୟନ୍ତ ସୁବର୍ଣ୍ଣରେଖା ବହୁମୁଖୀ ଜଳ ପ୍ରକଳ୍ପ ହେଉ କିମ୍ବା ରାଜ୍ୟର ଅନ୍ୟ



ଅଞ୍ଚଳରେ ହୋଇଥିବା ବିସ୍ଥାପିତ ଲୋକଙ୍କୁ ଉଚିତ ନ୍ୟାୟ ମିଳିନାହିଁ। ଆଗାମୀ ଦିନରେ ବି.ଜେ. ଏ.ଏମ୍.ଏମ୍ ସେହି ଲୋକଙ୍କ ଅଧିକାର ପାଇଁ ସଂଗ୍ରାମରେ ସହଯୋଗ କରିବ ବୋଲି ଉପସ୍ଥିତ ମଞ୍ଚର ସମସ୍ତ କର୍ମୀ ମତପ୍ରକାଶ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଦାସମାତ ସୋରେନ, ପଞ୍ଚାନନ ମୁର୍ମୁ, ହରିଚରଣ ହାଁସଦା, ରାମଚନ୍ଦ୍ର ମୁର୍ମୁ, ଚୈତନ୍ୟ ହାଁସଦା, ରାମଚନ୍ଦ୍ର ମୁର୍ମୁ ପ୍ରମୁଖ ଯୋଗ ଦେଇଥିଲେ।

## ଶୀତକାଳୀନ ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଯାପିତ

ଶୁଳିଆପଦା,୩।୧(ସମିସ): ଶୁଳିଆପଦା ସ୍ଥିତ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଶୀତକାଳୀନ ସ୍ୱତନ୍ତ୍ର ଉଦଯାପିତ ହୋଇଯାଇଛି। ଉଦଯାପନୀ ଦିବସରେ ଅଧ୍ୟକ୍ଷ କିଶୋର କୁମାର ଗିରି ଅଧ୍ୟକ୍ଷତା କରିଥିବା ବେଳେ ମହାରାଜ ଶ୍ରୀ ରାମ ଚନ୍ଦ୍ର ଭଞ୍ଜଦେଓ ୟୁନିଭରସିଟିର ପୂର୍ବତନ ଜାତୀୟ ସେବା ସଂଯୋଜିକ ଉଷା ଶତପଥୀ ସ୍ୱତନ୍ତ୍ର ଅତିଥି ରୂପେ ଉପସ୍ଥିତ ଥିଲେ। ପୂର୍ବତନ ପ୍ରୋଗ୍ରାମ ଅଫିସର ଆଲ୍ପନା ବିଶ୍ୱାଳ ସେଚ୍ଛାସେବୀଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ସଭାରେ ବାରିପଦା ଅକ୍ସଫୋର୍ଡ ଲର୍ଣ୍ଣିଂ ହବ୍‌ର ସଭାପତି ଅଶ୍ୱିନୀ କୁମାର ଘୋଷ ସେବା ଯୋଜନାରେ ତାଙ୍କର ଅନୁଭୂତି ସମ୍ପର୍କରେ ବର୍ଣ୍ଣନା କରିଥିଲେ। ପ୍ରୋଗ୍ରାମ ଅଫିସର ପ୍ରାଣୀ ବିଜ୍ଞାନ ଅଧ୍ୟାପିକା ସୁଧାଶ୍ରୀ ସେଠୀ ଓ ଓଡ଼ିଆ ବିଭାଗ ଅଧ୍ୟାପକ ପଙ୍କଜ କୁମାର ଦାସ ଶିବିର ପରିଚାଳନ କରିଥିଲେ।

### ବହୁବିଧ ସମସ୍ୟାରେ ଉପଖଣ୍ଡ ଡାକ୍ତରଖାନା

# ଡାକ୍ତର, ନର୍ସ ପଦ ଖାଲି; ରୋଗୀସେବା ବିପର୍ଯ୍ୟସ୍ତ

କରଞ୍ଜିଆ,୩।୧(ସମିସ): ପାଞ୍ଚପୀଢ ଉପଖଣ୍ଡ ୫ଟି ବ୍ଲକ ଓ ଗୋଟିଏ ବିଜ୍ଞାପିତ ପରିଷଦ ଅଞ୍ଚଳକୁ ନେଇ ଗଠିତ। ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ନିମନ୍ତେ ୧୮ ୯୨ରେ କରଞ୍ଜିଆ ବଜାରରେ ଉପଖଣ୍ଡ ଚିକିତ୍ସାଳୟ ପ୍ରତିଷ୍ଠା କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହି ଡାକ୍ତରଖାନା ରାଜ୍ୟ ସରକାରଙ୍କ ଅଧୀନରେ ରହିଛି। ଏହି ଡାକ୍ତରଖାନା ଉପରେ ୫ଟି ବ୍ଲକ ଏବଂ ଗୋଟିଏ ଏନ୍.ଏ.ସି.ର ଲୋକେ ନିର୍ଭର କରିବା ସହିତ ପଡୋଶୀ ଜିଲ୍ଲା କେନ୍ଦୁଝରର ସାହାରପଡା ଓ ପାଟଣା ବ୍ଲକ ଓ ଝାରଖଣ୍ଡ ରାଜ୍ୟର ବେନିସାଗର, ମଝିଗାଁ ଓ କୋଲପୋଷ ଅଞ୍ଚଳର ଲୋକେ ଏଠାକୁ ଚିକିତ୍ସା ପାଇଁ ଆସିଥାନ୍ତି। ଡାକ୍ତରଖାନାରେ ସରକାରଙ୍କ ତରଫରୁ ରୋଗୀ ସେବା ପାଇଁ ୫ ମହଲା ବିଶିଷ୍ଟ ଉଚ୍ଚକୋଟୀର ଗୃହ, ଆଧୁନିକ ଯନ୍ତ୍ରପାତି ଯୋଗାଇ ଦିଆଯାଇଛି। ଏହି ଡାକ୍ତରଖାନାରେ




ଭିତ୍ତିଭୂମି ମଧ୍ୟ ସୁଦୃଢ ରହିଛି। ଏଠାରେ ଅତ୍ୟାଧୁନିକ ଯନ୍ତ୍ରପାତି ମଧ୍ୟ ରହିଛି। ଡାକ୍ତରଖାନାରେ ବିଶେଷଜ୍ଞ ଡାକ୍ତର ସମେତ ୨୩ ଜଣ ଡାକ୍ତର ଆବଶ୍ୟକ ଥିବାବେଳେ ଏବେ ଡାକ୍ତର ନ ଥିବାରୁ ଲୋକେ ଠିକ୍‌ଭାବେ ସେବା ପାଉନାହାନ୍ତି। ସେହିପରି ଷ୍ଟାଫ ନର୍ସ ୫୧ଟି ପଦ ରହିଥିବାବେଳେ ଆବଶ୍ୟକ ଅନୁସାରେ ନର୍ସ ନାହାନ୍ତି। ଏଠାରୁ କିଛି ଷ୍ଟାଫନର୍ସଙ୍କୁ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସ୍ଥାନକୁ ଡେପୁଟେସନ ପଠାଯାଇଛି। ଏଠାରେ ବର୍ତ୍ତମାନ ୧୪ ଜଣ ଷ୍ଟାଫ ନର୍ସ ଅଛନ୍ତି ଏବଂ ରୋଗୀଙ୍କ ନିମନ୍ତେ ୧୧୬ଟି ଶଯ୍ୟା ମଧ୍ୟ ରହିଛି। ତେବେ ଏଠାରେ ମୁଖ୍ୟ ସମସ୍ୟା ହେଉଛି ଡାକ୍ତର ଓ ନର୍ସ ପଦ ଖାଲି। ମେଡ଼ିସିନ, ଶିଶୁ, ସର୍ଜରୀ, ଚକ୍ଷୁ ସ୍ପେଶାଲିଷ୍ଟ ଆଦି ପଦ ଖାଲି ପଡିଛି। ଫଳରେ ରୋଗୀ ଉତ୍ତମ ସ୍ୱାସ୍ଥ୍ୟସେବା ପାଇପାରୁନାହାନ୍ତି। ଆଗାମୀ ଦିନରେ ଡାକ୍ତର ପଦ ପୂରଣ ନ ହେଲେ ବିଭିନ୍ନ ସଂଗଠନ ଆନ୍ଦୋଳନ କରିବାକୁ ଚେତାବନୀ ମଧ୍ୟ ଦେଇଛନ୍ତି। ଅନ୍ୟପକ୍ଷେ ଚକ୍ଷୁ ଡାକ୍ତରଖାନାରେ ଡାକ୍ତର ନ ଥିବାରୁ ବର୍ଷ ବର୍ଷ ଧରି ତାଲା ପଡିଛି। ଏବେ ଏହି କୋଠା ଭୂତକୋଠିରେ ପରିଣତ ହେଲାଣି। କେବଳ ସେତିକି ନୁହେଁ, ଡାକ୍ତରଖାନାରେ ପରିସରରେ ଦଲାଲ ସକ୍ରିୟ ଥିବାର ସ୍ଥାନୀୟ ବାସିନ୍ଦା ଅସନ୍ତୋଷ ପ୍ରକାଶ କରିଛନ୍ତି। ରୋଗୀଙ୍କୁ ଦଲାଲମାନେ ଶୋଷଣ କରୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ଜନସାଧାରଣ ଅଭିଯୋଗ କରିଛନ୍ତି। ସେହିପରି ଡାକ୍ତରଖାନାର ନିର୍ମାଣାଧୀନ ଗେଟ୍ ନିମ୍ନମାନର ବୋଲି ସହରବାସୀ ଅଭିଯୋଗ କରିଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଏହି ଡାକ୍ତରଖାନା ପ୍ରତି ଦୃଷ୍ଟିଦେବାକୁ ସହରବାସୀ ଦାବି ଜଣାଇଛନ୍ତି।

## ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସାଇକଲ ପ୍ରତିଯୋଗିତା

ଚିତ୍ରଡ଼ା,୩।୧(ସମିସ): ମୋରଡ଼ା ବ୍ଲକ୍ ଫେଡରେସନ୍ ଶକ୍ତିମୟୀ ମହାସଂଘ ତରଫରୁ ସାଇକଲ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ବିଡ଼ିଓ ଜୟକୃଷ୍ଣ ପାତ୍ର ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ।



ଚିତ୍ରଡ଼ା ଶିର୍ଷାପାଳ ଛକରୁ ଶିଳଦା ପର୍ଯ୍ୟନ୍ତ ଯାଇ ଫେରିଥିଲେ ପ୍ରତିଯୋଗୀ। ଖୁରୁଣ୍ଟିଆର ଟିକିଲି ସିଂ, ପୁରୁଣାପାଣିର କବିତା ରାଣୀ ଦାସ, ସମାଇଦିହିର ମାଦ ମୁର୍ମୁ ଓ ବାଉରାର ଯାତ୍ରୀ ଧଳ ଯଥାକ୍ରମେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ହୋଇ ପୁରସ୍କୃତ ହୋଇଥିଲେ। ବ୍ଲକ୍ ଅଧ୍ୟକ୍ଷ ପିଥନାଥ ସରେନ୍, ଜିଲ୍ଲା ପରିଷଦ ସଦସ୍ୟା ମିନାକ୍ଷୀ ସରେନ୍, ହଳଦୀପାଳ ସରପଞ୍ଚ ମାଳତୀ ମାରାଣ୍ଡି, ସମିତି ସଭ୍ୟ ତନୟ କୁମାର ଦାସ, ବ୍ଲକ୍ ଶିକ୍ଷାଧିକାରୀ ମନମୋହନ ହେମ୍ବ୍ରମ, ମିଶନ ଶକ୍ତି ଜିଲ୍ଲା ସଭାପତି ବିଷ୍ଣୁ ପ୍ରିୟା ଦାସ, ମିଶନ ଶକ୍ତି ସହ ସମ୍ପାଦକ ବିଦ୍ୟୁତ୍‌ପ୍ରଭା ବେହେରା, ସମ୍ପାଦକ ସୁକାନ୍ତି ସେଠୀ ପ୍ରମୁଖ ଯୋଗଦେଇଥିଲେ।

# କେନ୍ଦୁଝର ବିମାନ ଘାଟି ଅବହେଳାର ଶିକାର

## ବିମାନ ଚଳାଚଳ କଲେ ଉପକୃତ ହୁଅନ୍ତେ ସ୍ୱଚ୍ଛଳବର୍ଗ

କେନ୍ଦୁଝର,୩।୧(ସମିସ)



ରାଜ୍ୟର ଅନେକଗୁଡ଼ିଏ ଛୋଟ ଛୋଟ ବିମାନବନ୍ଦରର ଉନ୍ନତୀକରଣ ହୋଇଛି। କିନ୍ତୁ କେନ୍ଦୁଝର ଜିଲ୍ଲାରେ ଥିବା ବିମାନବନ୍ଦରର ଉନ୍ନତିକରଣ ହୋଇପାରି ନାହିଁ। କେନ୍ଦୁଝରର ରାଇସୁଆଁଠାରେ ଥିବା ବିମାନବନ୍ଦରଟି ଅବହେଳିତ ହୋଇ ରହିଛି। କେନ୍ଦୁଝର ସହରଠାରୁ ମାତ୍ର ୭ କିମି ଦୂରରେ ଅବସ୍ଥିତ ରାଇସୁଆଁ ଏୟାର ଷ୍ଟ୍ରିପ୍। ଏୟାର ଷ୍ଟ୍ରିପ୍ ପାଇଁ ଅଧିକ ୨୨ଏକର ଜମିଅଧିଗ୍ରହଣ ପାଇଁ ପୂର୍ତ୍ତବିଭାଗ ପୂର୍ବରୁ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ ମଧ୍ୟ ଏହି ପ୍ରସ୍ତାବ କାର୍ଯ୍ୟକାରୀ ହୋଇନାହିଁ। ଏଠାକୁ ଅନେକ ସମୟରେ ସରକାରୀ ଓ ବେସରକାରୀସ୍ତରର ଚାର୍ଟର,ହେଲିକାପ୍ଟର ଆସି ଉହ୍ଲାଇଥାନ୍ତି। କେନ୍ଦୁଝର ଏକ କଳକାରଖାନା ଓ ଖଣି ବହୁଳ ଅଞ୍ଚଳ ହୋଇଥିବାବେଳେ ଅନେକ ସମୟରେ ବିଭିନ୍ନ କାମନେଇ ବହୁ ଲୋକ ଦୂର ଦୂରାନ୍ତରୁ ଜିଲ୍ଲାକୁ ଆସିଥାନ୍ତି। କେନ୍ଦ୍ର ସରକାର କେନ୍ଦୁଝର ଜିଲ୍ଲାରୁ ହଜାର ହଜାର କୋଟି ଟଙ୍କାର ରାଜସ୍ୱ ନେଇ ତାଙ୍କର ତହବିଲକୁ ବଳିୟାନ୍ କରୁଛନ୍ତି। ଅନେକ ଦିନ ତଳେ ରାଇସୁଆଁରେ ଥିବା ବେସାମରିକ ବିମାନ ଘାଟିକୁ ଭାରତୀୟ ବିମାନବନ୍ଦର ପ୍ରାଧିକରଣ(ଏଏଆଇ) ଏକ ପ୍ରତିନିଧି ଦଳ ପରିଦର୍ଶନ କରି ଫେରିଯାଇଥିଲେ। କେନ୍ଦ୍ର ସରକାରଙ୍କ ଘୋଷଣା ମୁତାବକ ସଦର ବ୍ଲକ୍ ଅଧୀନ ରାଇସୁଆଁଠାରେ ଥିବା ବିମାନବନ୍ଦରକୁ ଲୋ-କଷ୍ଟ ବିମାନବନ୍ଦରରେ ପରିଣତ କରିବାକୁ ଯୋଜନା ରହିଥିବାବେଳେ ଏହାର ସବିଶେଷ ତଥ୍ୟ ନେବା ପାଇଁ ପୂର୍ବରୁ ପିକେ ମହାପାତ୍ରଙ୍କ ନେତୃତ୍ୱରେ ତିନିଜଣିଆ ପ୍ରତିନିଧି ଦଳ ଏଠାକୁ ଗସ୍ତ କରିଥିଲେ। ରାଇସୁଆଁର ଏହି ଏୟାରଷ୍ଟ୍ରିପ୍ ଲୋ-କଷ୍ଟ ଏୟାରପୋର୍ଟରେ ପରିଣତ କରାଗଲେ ଘରୋଇ ବିମାନଗୁଡ଼ିକ ଏଠାକୁ ଚଳାଚଳ କରିବା କଥା। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏହି ବିମାନଘାଟିଟିକୁ ନିର୍ମାଣ କରାଯାଇଥିବାବେଳେ ପ୍ରାରମ୍ଭିକସ୍ତରରେ ଏହା ସମ୍ପୂର୍ଣ୍ଣ ମାଟି ମୋରମରେ ନିର୍ମିତ ହୋଇଥିଲା। ପରବର୍ତ୍ତୀ ସମୟରେ ଏହାକୁ ମେଟାଲିଂ କରାଯାଇ ଆଜକୁ ପ୍ରାୟ ଅନେକବର୍ଷ ହେବ ଏହାର ରନୱେକୁ ପିଚୁ କରାଯାଇ ସାରିଲାଣି। ଗତ ୨୦୧୧-୧୨ ଆର୍ଥିକ ବର୍ଷରେ ପ୍ରାୟ ୧କୋଟି ଟଙ୍କା ବ୍ୟୟବରାଦରେ ଏୟାରଷ୍ଟ୍ରିପ୍‌ର ସମସ୍ତ ଅଞ୍ଚଳକୁ ପାଚେରିରେ ଆବଦ୍ଧ କରାଯାଇଥିବାବେଳେ ନୂତନ ହେଲିପ୍ୟାଡ୍ ଓ ନୂତନ ରନୱେ ନିର୍ମାଣ କରାଯାଇଛି। ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଅଧିନରେ ଥିବା ଏହି ବିମାନଘାଟି ୩୮.୦୫ ଏକର ପରିମିତ ଜମିରେ ନିର୍ମିତ ହୋଇଛି। ଏହାର ଲମ୍ବ ୧ କିଲୋମିଟର ହୋଇଥିବାବେଳେ ରନ୍‌ୱେର ଲମ୍ବ ୩୦୧୫ ଫୁଟ (୯୨୦ମିଟର) ଓ ପ୍ରସ୍ଥ ୯୮ ଫୁଟ (୩୦ମିଟର) ବିଶିଷ୍ଟ। ଏଠାରେ ବିମାନଗୁଡିକ ଅବତରଣ କରିବାକୁ ହେଲେ ପ୍ରଥମେ ପିଡବ୍ଲ୍ୟୁଡି ବିଭାଗରେ ୫ହଜାର ଟଙ୍କା ଦାଖଲ କରିବାକୁ ପଡ଼ିଥାଏ। ବିମାନଘାଟି ସ୍ଥାପନା ହେବାଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଅନେକଗୁଡ଼ିଏ ଛୋଟବଡ଼ ବିମାନ ଏଠାରେ ଅବତରଣ କରିସାରିଥିବାବେଳେ ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଇନ୍ଦିରାଗାନ୍ଧୀ, ରାଜୀବଗାନ୍ଧୀ, ବିଜୁ ପଟ୍ଟନାୟକଙ୍କ ସମେତ ଦେଶର ଅନେକ ବଡ଼ବଡ଼ ନେତା ଏହି ବିମାନଘାଟିରେ ଅବତରଣ କରିସାରିଛନ୍ତି। ବିମାନଘାଟି ସ୍ଥାପନା ହେବା ଦିନଠାରୁ କେତେ ବିମାନ ଏଠାରେ ଅବତରଣ ଓ ଉଡ଼ାଣ କରିଛନ୍ତି ତାହାର ସଠିକ୍ ତଥ୍ୟ ନ ଥିଲେ ମଧ୍ୟ ଅନେକ ବିମାନ ଏଠାରେ ଅବତରଣ ଓ ଉଡ଼ାଣ କରିସାରିଲେଣି। ରାଇସୁଆଁ ଏୟାରଷ୍ଟ୍ରିପ୍‌ରେ ଉଚ୍ଚ ଶକ୍ତି ସମ୍ପନ୍ନ ୱେୟାରଲେସ୍ ବ୍ୟବସ୍ଥା ଥିଲେ ମଧ୍ୟ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ୍ ସିଷ୍ଟମ୍ ଏଠାରେ ଉନ୍ନତିକରଣ ହୋଇ ନାହିଁ। ବର୍ତ୍ତମାନ ଥିବା ଏୟାରଷ୍ଟ୍ରିପ୍‌ର ଏରିଆ ଲୋ-କଷ୍ଟ ଏୟାରପୋର୍ଟ ପାଇଁ ଯଥେଷ୍ଟ ହୋଇ ନ ଥିବାବେଳେ ଦକ୍ଷିଣ ଦିଗରୁ ଓ ପଶ୍ଚିମ ଦିଗରୁ ମଧ୍ୟ ଜମି ଅଧିଗ୍ରହଣ ହେବାର ଯୋଜନା ଯୋଜନାରେ ରହିଗଲା। ଏହି ବିମାନଘାଟି ରନ୍‌ୱେର ଲମ୍ବ ଆଉ ଅଧିକ ୬୦୦ମିଟର ଏବଂ ପ୍ରସ୍ଥ ଅଧିକ ୩୦ମିଟର ବଢାଇବା ପାଇଁ ବେସାମରିକ ବିମାନ ଚଳାଚଳ ବିଭାଗକୁ ପ୍ରସ୍ତାବ ଦିଆଯାଇଥିବାବେଳେ ରନ୍‌ୱେ ଅଧିକ ୬୦୦ ମିଟର ଏବଂ ପ୍ରସ୍ଥ ଅଧିକ ୩୦ମିଟର ବଢିଲେ ବଡ଼ ବଡ଼ ବିମାନ ଯିବା ଆସିବା ସହ ଆବଶ୍ୟକସ୍ଥଳରେ ଯୁଦ୍ଧ ବିମାନ ଓହ୍ଲାଇପାରିବ ବୋଲି କୁହାଯାଉଛି। ଏଥିପାଇଁ ୨୨ଏକର ଜମି ଅଧିଗ୍ରହଣ ପାଇଁ ପ୍ରସ୍ତାବ ରହିଥିବା ଜଣାପଡ଼ିଛି।

## ପୋଲତଳକୁ ଖସିପଡ଼ି ବାଇକ୍ ଆରୋହୀ ମୃତ



**ଡୁରୁମୁଙ୍ଗା,୩।୧(ସମିସ):** କେନ୍ଦୁଝର ଜିଲ୍ଲା ଡୁରୁମୁଙ୍ଗା ଥାନା ବଲାଣିପଶି ପୋଲ ଉପରୁ ୧୨ ଫୁଟ ତଳକୁ ଖସି ପଡ଼ି ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମାନପୁର ଗ୍ରାମର ଅନୀଲ ମହାକୁଡ଼। ଅନୀଲ ମଙ୍ଗଳବାର ରାତି କଣ୍ଟିଆପଡା ଗ୍ରାମରୁ ଶୁଦ୍ଧକ୍ରିୟା କାମରେ ଯୋଗଦେଇ ଗାଁକୁ ଫେରୁଥିବା ସମୟରେ ଭାରସାମ୍ୟ ହରାଇ ବାଇକ୍ ସହ ପୋଲ ତଳକୁ ଖସି ପଡ଼ିଥିଲେ। ବୁଧବାର ଅପରାହ୍ନରେ ମୃତଦେହ ପଡ଼ିଥିବା କେଛିଲୋକ ଦେଖିବାପରେ ପୁଲିସକୁ ଖବର ଦେଇଥିଲେ। ଡୁରୁମୁଙ୍ଗା ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଡୁରୁମୁଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ପୂର୍ବତନ ସୈନିକ ଶରତଚନ୍ଦ୍ରଙ୍କ ସ୍ମୃତିଚାରଣ ସଭା

### ବିଧବା ପତ୍ନୀଙ୍କୁ ପେନ୍‌ସନ୍ ଦାବି



**ଘଷିପୁରା,୩।୧(ସମିସ):** ଦେଶ ମାତୃକାର ସେବା ପାଇଁ ୭୦ ଦଶକରେ ସେନାବାହିନୀ (ବିହାର ରେଜିମେଣ୍ଟ)ରେ ଯୋଗ ଦେଇଥିଲେ ଶରତଚନ୍ଦ୍ର ମହାନ୍ତି। ଚାକିରିରୁ ଅବସରପରେ ବଡଲା ମାଇନ୍ସରେ ଶ୍ରମିକ ଭାବେ କାର୍ଯ୍ୟକରି କରି ଶ୍ରମିକ ନେତା ହୋଇଥିଲେ। ପରବର୍ତ୍ତୀ ସମୟରେ ଯାଜପୁର ରୋଡ ଫେରୋକ୍ରମ ଏବଂ କାଳିଆପାଣି ଓଏମିସିରେ କାର୍ଯ୍ୟ କରିବା ସହ ଜଣେ ଟାଣୁଆ ସଂଗଠକ ଭାବେ ନିଜକୁ ପ୍ରତିଷ୍ଠିତ କରି ପାରିଥିଲେ। ବିବାହ ପରେ ପରିବାର ବୋଝ ମୁଣ୍ଡଉପରେ ପଡ଼ିଥିଲା। ସ୍ୱଳ୍ପ ବେତନରେ ପରିବାର ପୋଷଣ କରିବା ସମ୍ଭବପର ନ ହେବାରୁ ଗାଁରେ ଏକ ଚା' ଦୋକାନ କରି ଗୁଜୁରାଣ ମେଣ୍ଟାଉଥିଲେ। ପରିବାର ଚଳାଇବାର ଆର୍ଥିକ ବୋଝ ଏବଂ ସମୟ କ୍ରମେ ବାର୍ଦ୍ଧକ୍ୟ ଗ୍ରାସ କରିବା ଯୋଗୁଁ ଧୀରେ ଧୀରେ ରୋଗାକ୍ରାନ୍ତ ହୋଇ ପଡ଼ିଥିଲେ। ଗତ ଡିସେମ୍ବର ୨୧ରେ ତାଙ୍କର ପରଲୋକ ହୋଇଥିଲା। ସ୍ୱଳ୍ପସମୟ ପାଇଁ ଦେଶ ମାତୃକାର ସେବା ପାଇଁ ନିଜକୁ ସମର୍ପଣ କରିଥିବା ବିହାର ରେଜିମେଣ୍ଟର ଯବାନକୁ ନା ମିଳିଥିଲା ସରକାରୀ ପେନସନ୍ ନାଁ ଅନୁକମ୍ପା ରାଶି। ତାଙ୍କ ଏକାଦଶାହରେ କ୍ରିୟା ଅବସରରେ ତାଙ୍କ ପୁରୁଣାବାନ୍ଧଗୋଡ଼ା ବାସଭବନରେ ଏକ ସ୍ମୃତିସଭା ଆୟୋଜିତ ହୋଇଥିଲା। ଏଥିରେ ସ୍ଥାନୀୟ ବିଧାୟକ ବଦ୍ରିନାରାୟଣ ପାତ୍ର, ବିଜେପି ନେତା ଡ. ଶମ୍ଭୁନାଥ ରାଉତ, ସମାଜସେବୀ ଡ. ରତିକାନ୍ତ ବରାଳଙ୍କ ସମେତ ଆନନ୍ଦପୁର ଅଞ୍ଚଳର ଅବସରପ୍ରାପ୍ତ ସୈନିକ ସଂଘର ଅନେକ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଦେଶ ମାତୃକାର ସେବାରେ ନିଜ ଜୀବନକୁ ବାଜି ଲଗାଇଥିବା ଜଣେ ସାହାସୀ ବୀର ସୈନିକ ଭାବେ ପ୍ରତିପାଦନ କରିଥିବା ଅବସରପ୍ରାପ୍ତ ସୈନିକ ନିକଟରେ ଶେଷସନ୍ତକ ଭାବେ ବିହାର ରେଜିମେଣ୍ଟ ପକ୍ଷରୁ ପୁରସ୍କାର ସ୍ୱରୂପ ମିଳିଥିବା ପଦକଟିକୁ ଘରେ ସାଉଁଟି ରଖିଛନ୍ତି ତାଙ୍କ ବିଧବା ପତ୍ନୀ ସନ୍ଧ୍ୟାରାଣୀ ମହାନ୍ତି। ସରକାରୀସ୍ତରରେ ଏଭଳି ଘଟଣାକୁ ଗୁରୁତର ସହ ବିଚାର କରାଯାଇ ତୁରନ୍ତ ତାଙ୍କ ବିଧବା ପତ୍ନୀଙ୍କୁ ଭତ୍ତା ବ୍ୟବସ୍ଥା କିମ୍ବା କିଛି ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଘର ଭାଙ୍ଗିଲା ଦନ୍ତା; ୪ ବର୍ଷର ଶିଶୁ ଗୁରୁତର

**ବାଲିବନ୍ଧ,୩।୧ (ସମିସ):** ବିଳମ୍ବିତ ରାତିରେ ଏକ ଗୋଠଛଡ଼ା ଦନ୍ତା କାନ୍ଥଭାଙ୍ଗି ଘର ଭିତରେ ପଶିଥିଲା। କାନ୍ଥ ଭୁଶୁଡ଼ିପଡ଼ିବାରୁ ୪ବର୍ଷର ଶିଶୁ ଗୁରୁତର ହୋଇଛି। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଚମ୍ପୁଆ ରେଞ୍ଜ ବାମେବାରୀ ଫରେଷ୍ଟ ସେକ୍‌ସନ ନୟାଗଡ଼ ପଞ୍ଚାୟତ ନେକେଡାପାଲି ଗ୍ରାମରେ। ନେକଡାପାଲି ଗ୍ରାମର ରଟିଆ ମୁଣ୍ଡାଙ୍କ ସ୍ତ୍ରୀ ସୁମିତ୍ରା ମୁଣ୍ଡା, ୬ବର୍ଷର ପୁଅ ମହେନ୍ଦ୍ର ମୁଣ୍ଡା ଏବଂ ୪ବର୍ଷର ଝିଅ ସୋମବାରୀ ମୁଣ୍ଡା ଖାଇପିଇ ଗୋଟିଏ ଘରେ ଶୋଇଥିଲେ। ବିଳମ୍ବିତ ରାତିରେ ଏକ ଗୋଠଛଡ଼ା ଦନ୍ତା ହାତୀ ତାଙ୍କ ଘର ଭାଙ୍ଗି ଘର ଭିତରକୁ ପଶିବାକୁ ଉଦ୍ୟମ କରିଥିଲା। ଫଳରେ କାନ୍ଥ ଭାଙ୍ଗି ୪ବର୍ଷର ଶିଶୁ ସୋମବାରୀର ଛାତିରେ ଅଘାତ ଲାଗିବାରୁ ଗୁରୁତର ହୋଇପଡ଼ିଥିଲା। ହାତୀର ଗତିବିଧି ନିରୀକ୍ଷଣ କରୁଥିବା ଟିମ୍ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଶିଶୁ ସୋମବାରୀକୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ବାମେବାରୀ ଫରେଷ୍ଟର ରତ୍ନାକର ମହାନ୍ତି ସୂଚନା ଦେଇଛନ୍ତି।

## 'କରୋ ଯୋଗ ରହୋ ନୀରୋଗା' ଯୋଗ ଶିବିର



**ହାଟଡ଼ିହି, ୩।୧(ସମିସ):** ହାଟଡ଼ିହି ବ୍ଲକ ବଉଳା +୨ କଲେଜରେ ଯୋଗ ଶିବିର "କରୋ ଯୋଗ ରହୋ ନିରୋଗା; ଅନୁଷ୍ଠିତ ହୋଇଛି। ଉକ୍ତ ଶିବିରରେ ଅଧକ୍ଷ ଶିବଚରଣ ଖାମୁରାଇଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ, ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ସାମିଲ ଥିଲେ। ଯୋଗଗୁରୁ ଭାବେ ଭଦ୍ରକ ଜିଲ୍ଲା ଯୋଗ ପ୍ରଚାରକ ଧରଣୀଧର କର ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ଅଧ୍ୟାପକ ଫକୀର ଚରଣ ଶଙ୍ଖୁଆ, ଜିତେନ୍ଦ୍ର ମହାନ୍ତି, ଅଜୟ କୁମାର ଜେନା, ହୃଦାନନ୍ଦ ପାଣିଗ୍ରାହୀ, କର୍ମଚାରୀ ନାରାୟଣ ରାଉତ, ଦୁର୍ଯ୍ୟୋଧନ ବାରିକ, ଗୌରାଙ୍ଗ ବେହେରା, ଅନାମ ପଣ୍ଡତ୍, ଦୟାନିଧି ଦାସ, ନିର୍ମଳା ନାଇକ ପ୍ରମୁଖ ଉପସ୍ଥିତ ଥିବାବେଳେ ଗୁରୁ ଗୟାଧର ଦାସଙ୍କ ଶୀର୍ଷାସନ କ୍ରିୟା ଅତି ଚିତାକର୍ଷକ ହୋଇଥିଲା।

## ରାଜ୍ୟସ୍ତରୀୟ ମେଧାବୃତ୍ତିରେ ପ୍ରତ୍ୟୁଷଙ୍କ ସଫଳତା

**ଆନନ୍ଦପୁର,୩।୧(ସମିସ):** ସ୍ଥାନୀୟ ଦେଓଗାଁସ୍ଥିତ ବିବେକାନନ୍ଦ ଆଦର୍ଶ ବିଦ୍ୟାଳୟର ଛାତ୍ର ପ୍ରତ୍ୟୁଷ କୁମାର ପତି ତୃତୀୟ ଶ୍ରେଣୀ ମେଧାବୃତି ପରୀକ୍ଷାରେ କୃତିତ୍ୱ ଅର୍ଜନ କରି ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୨-୨୩ ଶିକ୍ଷାବର୍ଷରେ ହୋଇଥିବା ଏହି ମେଧାବୃତ୍ତି ପରୀକ୍ଷାରେ ସଫଳତା ପାଇବା ପରେ ରାଜ୍ୟସ୍ତରୀୟ ମେଧାବୃତ୍ତି ପରୀକ୍ଷା ପାଇଁ ସେ ଦେଓଗାଁ ବିବେକାନନ୍ଦ ଆଦର୍ଶ ବିଦ୍ୟାଳୟ ତରଫରୁ ଅଂଶଗ୍ରହଣ କରୁଥିବା ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନାମଚରଣ ମାଝୀଙ୍କଠାରୁ ସୂଚନା ମିଳିଛି।

## ଝୁଲନ୍ତା ଅବସ୍ଥାରେ ଛାତ୍ରର ମୃତଦେହ ଉଦ୍ଧାର

**ବାଲିବନ୍ଧ, ୩।୧ (ସମିସ):** ଝୁମ୍ପୁରା ବ୍ଲକ୍ ଖେଣ୍ଡରା ପଞ୍ଚାୟତସ୍ଥିତ ଓଡ଼ିଶା ଆର୍ଦର୍ଶ ବିଦ୍ୟାଳୟରେ ଯୁକ୍ତ ଦୁଇବିଜ୍ଞାନ ବିଭାଗର ଦ୍ୱିତୀୟ ବର୍ଷରେ ପାଠ ପଢୁଥିବା ଜଣେ ଛାତ୍ରର ମୃତଦେହ ବୁଧବାର ଝୁମ୍ପୁରା ପୁଲିସ ଉଦ୍ଧାର କରିଛି। ମୃତକହେଲେ ସଦର ଥାନାଅଧୀନସ୍ଥ କଣ୍ଡରାପଶି ପଞ୍ଚାୟତ ସିଲିସୁଆଁ ଗ୍ରାମର ଗଣେଶ୍ୱର ମାଝୀଙ୍କ ପୁଅ ହରିଶ୍ କୁମାର ମାଝୀ (୧୭ବର୍ଷ)।

ହରିଶ୍ ଖେଣ୍ଡରା ଗ୍ରାମର ଏକ ଘରୋଇ ମେସ୍‌ରେ ରହି ଓଡ଼ିଶା ଆର୍ଦର୍ଶ ବିଦ୍ୟାଳୟରେ ପାଠ ପଢୁଥିଲା। ମଙ୍ଗଳବାର ବିଦ୍ୟାଳୟ ଛୁଟି ପରେ ହରିଶ ମେସ୍‌କୁ ଫେରିଥିଲା। ଭାତ ଖାଇବା ପାଇଁ ବାଢିବା ବେଳେ ସେ ଭାତ ନଖାଇ ଫୋନରେ କଥା ହୋଇ ହୋଇ ପୋଖରୀ ଆଡ଼କୁ ଚାଲିଯାଇଥିଲା। ଫେରିବା ବିଳମ୍ବ ହେବାରୁ ମେସ୍ ମାଲିକ ହରିଶର ବାପା ଗଣେଶ୍ୱରଙ୍କୁ ଫୋନ ଯୋଗେ ସମସ୍ତ ଘଟଣା ଜଣାଇଲେ। ଫୋନ ପାଇ ହରିଶର ବାପା ଗଣେଶ୍ୱର ଓ ମା ସୁବାସିନୀ ରାତି ୯ଟାରେ ଖେଣ୍ଡରାସ୍ଥିତ ମେସ୍‌ରେ ପହଞ୍ଚି ଥିଲେ। ସମସ୍ତେ ମିଶି ବହୁ ଖୋଜାଖୋଜି କରିବା ସହିତ ତାର ସାଙ୍ଗ ପିଲାମାନଙ୍କୁ ପଚରାଉଚରା କଲେ ମଧ୍ୟ ହରିଶର କୌଣସି ସନ୍ଧାନ ପାଇପାରିଲେ ନାହିଁ। ବୁଧବାର ଛେଳି ଜଗୁଆଳିମାନେ ଅରଡେଇ ନଦୀ ନିକଟସ୍ଥ ଖଜୁରିଆ ଘାଟ ଠାରେ ଏକ ପଳାଶ ଗଛ ଡାଳରେ ଏକ ଲୋକ ଝୁଲୁଥିବା ଅବସ୍ଥାରେ ଦେଖିବାକୁ ପାଇଲେ। ସେମାନେ ସଙ୍ଗେ ସଙ୍ଗେ ଗ୍ରାମର ଲୋକମାନଙ୍କୁ ଖବର ଦେଲେ। ଖବର ପାଇ ମେସ୍ ମାଲିକ ଘଟଣାସ୍ଥଳରେ ପହଞ୍ଚି ହରିଶର ମୃତଦେହ ଡାଳରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ସେ ସଙ୍ଗେ ସଙ୍ଗେ ହରିଶର ବାପାଙ୍କୁ ଫୋନ କରି ଖବର ଦେଇଥିଲେ। ଘଟଣାସ୍ଥଳରେ ହରିଶର ପରିବାର ଲୋକ ପହଞ୍ଚି ଝୁମ୍ପୁରା ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ପାରିପାଶ୍ୱରିକସ୍ଥିତ ଅନୁଧ୍ୟାନ କରିବା ସହିତ ମୃତଦେହକୁ ଜବତ କରିଥିଲେ। ପୁଲିସ ଏକ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ପାଇଁ ଚମ୍ପୁଆ ଡାକ୍ତରଖାନା ପଠାଯାଇଥିବା ପୁଲିସ ସୂଚନା ଦେଇଛି।

## ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ



**ଆନନ୍ଦପୁର,୩।୧(ସମିସ):** ଆନନ୍ଦପୁରରେ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଆଜି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଉପଜିଲ୍ଲାପାଳ ଚିତ୍ତରଞ୍ଜନ ମହାନ୍ତ ଏହି ବୈଠକରେ ଅଧକ୍ଷତା କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ବିଭାଗର ଭାରପ୍ରାପ୍ତ ଅଧିକାରୀ ଦେବବ୍ରତ ରାଉତରାୟ ସାଧାରଣତନ୍ତ୍ର ଦିବସ ପାଳନର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଉପସ୍ଥିତ ବିଭିନ୍ନ ସ୍କୁଲ କଲେଜର ଶିକ୍ଷକ ଶିକ୍ଷୟତ୍ରୀ, ଏନସିସି ଶିକ୍ଷକ, ବିଭିନ୍ନ ବିଭାଗର ପଦାଧିକାରୀ, ବରିଷ୍ଠ ନାଗରିକ, ସାହିତ୍ୟ ଅନୁଷ୍ଠାନ, କ୍ରୀଡ଼ା ସଂସଦ ଓ ସାମ୍ବାଦିକ ଅନୁଷ୍ଠାନ ଗୁଡିକର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଉକ୍ତ ଦିନ ସରକାରୀ ଓ ବେସରକାରୀ ଦଳଙ୍କ ମଧ୍ୟରେ କ୍ରିକେଟ ମ୍ୟାଚ, ସବୁଜିମା ସାହିତ୍ୟ ସଂସଦ ପକ୍ଷରୁ କବିତା ପାଠୋତ୍ସବ ଓ ସନ୍ଧ୍ୟାରେ ମ୍ୟୁନିସିପାଲିଟି କଲ୍ୟାଣମଣ୍ଡପଠାରେ ଏକ ଦେଶାତ୍ମକବୋଧକ ସଂଗୀତ ସମାରୋହ କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ନିଷ୍ପତି ହୋଇଥିଲା। ଆନନ୍ଦପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରା ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିବା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେସୂଚନାଓଲୋକସମ୍ପର୍କବିଭାଗରକର୍ମଚାରୀ ନାରାୟଣ ଦାଶ ଓ ଚନ୍ଦ୍ରଶେଖର ଦଳେଇ ସହଯୋଗ କରିଥିଲେ।

### ହାତୀ ଉପଦ୍ରବରେ ଅତିଷ୍ଠ ଗ୍ରାମବାସୀ

## କ୍ଷତିପୂରଣ ଦାବିରେ ବନ କର୍ମଚାରୀ ଅଟକ

ଡୁରୁମୁଙ୍ଗା,୩।୧ (ସମିସ)



କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଅଞ୍ଚଳରେ ଥମୁନି ୨୩ ଟିକିଆ ହାତୀପଲଙ୍କ ଉପଦ୍ରବ। ଫଳରେ ଲୋକେ ଅତିଷ୍ଠ ହୋଇ ବୁଧବାର ସକାଳୁ ବନ ବିଭାଗର ଗାଡ଼ି ସମେତ ବନ କର୍ମଚାରୀଙ୍କୁ ଅଟକ ରଖିଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ହାତୀପଲ ମଙ୍ଗଳପୁର, ଡିଆନାଳି ସମେତ ଧାନବେଣୀ ଗାଁ ରେ ୧୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗି ଘର ଭିତରୁ ଧାନ ଚାଉଳ ନଷ୍ଟ କରିଦେଇଛନ୍ତି। ହାତୀପଲ ଧନବେଣୀ ଗାଁରେ ୪ ଟି ଘର ଭାଙ୍ଗି ଧାନ ଚାଉଳ ଖାଇ ନଷ୍ଟ କରିବା ସହ ପନିପରିବା ଚାଷକୁ ମାଡ଼ି ଦଳି ନଷ୍ଟ କରିଦେଇଛନ୍ତି। ହାତୀ ଘୋଉଡ଼ାଇବାକୁ ଧାନବେଣୀ ଗାଁକୁ ବନ କର୍ମଚାରୀ ଯାଇଥିବା ସମୟରେ ପାଟଣା ରେଞ୍ଜର ବନ କର୍ମଚାରୀ ଓ ବନବିଭାଗ ଗାଡ଼ିକୁ ଧାନବେଣୀ ଗ୍ରାମବାସୀ ଅଟକ ରଖିଥିଲେ। ଗତବର୍ଷ ଧାନବେଣୀ ଗାଁର ବେଲବତୀ ମୁଣ୍ଡାଙ୍କ ଘରକୁ ହାତୀପଲ ଭାଙ୍ଗିଦେଇଥିଲେ ହେଁ ଆଜି ପର୍ଯ୍ୟନ୍ତ କ୍ଷତିପୂରଣ ପାଇ ନାହାନ୍ତି। ଏବେ ପୁଣି ହାତୀପଲ ଉକ୍ତ ଗାଁରେ ପୁଣି ଘର ଭାଙ୍ଗିଥିବାରୁ ଲୋକେ ଅତିଷ୍ଠ ହୋଇ ବନ କର୍ମଚାରୀଙ୍କୁ ଅଟକ ରଖିଥିଲେ। ପରେ ତୁରନ୍ତ କ୍ଷତିପୂରଣ ପ୍ରଦାନ କରାଯିବା ପ୍ରତିଶ୍ରୁତି ମିଳିବା ପରେ ବନ କର୍ମଚାରୀ ଉଦ୍ଧାର ହୋଇଥିଲେ।

## ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନ




**ହାଟଡ଼ିହି,୩।୧(ସମିସ):** ହାଟଡ଼ିହି ବ୍ଲକର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନ ପାଇଁ ବ୍ଲକ କାର୍ଯ୍ୟାଳୟ ପରିସରରେ ଋଣ ପ୍ରଦାନ ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ଭାଗୀରଥି ସେଠୀ, ସିଡିପିଓ ବିନୋଦିନୀ ତ୍ରିପାଠୀ, ଜିଲ୍ଲାପରିଷଦ ସଦସ୍ୟା କୌଶଲ୍ୟା ସେଠୀ ଓ ସୁକାନ୍ତି ଜେନା, ବିପିଏଲସି ଦେବବ୍ରତ ସାମଲ, ବିଏଲ୍‌ସି ମିନାକ୍ଷୀ ମୋନାଲିସା ଜେନା, ସ୍ୱପ୍ନାରାଣୀ ପୃଷ୍ଟି, ପ୍ରତ୍ୟୁଷା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ୟୁନିୟନ ବ୍ୟାଙ୍କ, ୟୁକୋ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ଇଣ୍ଡିଆ, କେସିସି ବ୍ୟାଙ୍କ ଆଦି ବିଭିନ୍ନ ବ୍ୟାଙ୍କର କର୍ମଚାରୀ ଉପସ୍ଥିତ ଥିଲେ। ଏହି ଋଣ ପ୍ରଦାନ ମେଳାରେ ୬୦ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୨କୋଟି ୫୬ ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଛି। ଏହି ସମୟରେ ଏମ୍‌ବିକେ, ସିଆରପି, ଜିପି ଲିଡର ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ମିଶନ ଶକ୍ତି କାଫେ ଉଦ୍‌ଘାଟିତ



**ହାଟଡ଼ିହି, ୩।୧(ସମିସ):** ହାଟଡ଼ିହି ବ୍ଲକର ବ୍ଲକ କାର୍ଯ୍ୟାଳୟ ପରିସରରେ ମିଶନ ଶକ୍ତି କାଫେ ଉଦ୍‌ଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଭାଗୀରଥି ସେଠୀ, ସିଡିପିଓ ବିନୋଦିନୀ ତ୍ରିପାଠୀ, ବିପିଏଲସି ଦେବବ୍ରତ ସାମଲ, ଓଏଲଏମ୍‌ର ବିଏଲସି ମିନାକ୍ଷୀ ମୋନାଲିସା ଜେନା, ସ୍ୱପ୍ନାରାଣୀ ପୃଷ୍ଟି, ପ୍ରତ୍ୟୁଷା ସାହୁ, ବିଏଲଏଫ୍‌ର ସଭାପତି ସାବିତ୍ରୀ ସା, ସମ୍ପାଦକ ଦେବକୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମୟରେ ଏମ୍‌ବିକେ, ସିଆରପି, ଜିପି ଲିଡର ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ବହୁ ସଦସ୍ୟ ଉପସ୍ଥିତ ଥିଲେ। ଏହି କାଫେରେ ବ୍ଲକ୍ କାର୍ଯ୍ୟାଳୟର କର୍ମଚାରୀ ଓ କାର୍ଯ୍ୟାଳୟକୁ ଆସୁଥିବା ବିଭିନ୍ନ ଅଞ୍ଚଳର ଲୋକମାନେ ସୁଲଭ ମୂଲ୍ୟରେ ମିଲ୍, ଟିଫିନ୍, ଚା ଇତ୍ୟାଦି ଖାଇପାରିବେ। ଏହାଦ୍ୱାରା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କର ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ନିରୁପମା ଜେନା, ଉଷାରାଣୀ ସାହୁ, କମଳା ବାରିକ, କନକଲତା ଖଣ୍ଡେଇ ପ୍ରମୁଖ ଉପସ୍ଥିତ ଥିଲେ।

## ଉଦ୍ଧାର ହରିଣକୁ ଜଙ୍ଗଲରେ ଛାଡ଼ିଲା ବନ ବିଭାଗ



**ଡୁରୁମୁଙ୍ଗା/ପାଟଣା,୩।୧(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ସାହାରପଡା ସେକ୍ସନ ଖଜୁରୀଡ଼ିହା ୟୁକାଲିପଟାସ ଜଙ୍ଗଲରୁ ବୁଧବାର ଅପରାହ୍ଣରେ ଏକ ଅଣ୍ଡିରା ହରିଣକୁ ବନ ବିଭାଗ ଉଦ୍ଧାର କରି ରୋହଣୀଦୁମା ସଂରକ୍ଷିତ ଜଙ୍ଗଲରେ ଛାଡ଼ିଛି। ହରିଣଟି ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହୋଇ ଚାଲି ଆସିଥିବାବେଳେ ହାତୀ ଘୋଉଡ଼ାଇବା ସମୟରେ ଖଜୁରୀଡିହା ୟୁକାଲିପଟାସ ଜଙ୍ଗଲରୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବନବିଭାଗକୁ ଖବର ଦେଇଥିଲେ। ବନବିଭାଗ ପହଞ୍ଚି ହରିଣକୁ ଉଦ୍ଧାର କରି ଚିକିତ୍ସା କରିବା ପରେ ରୋହଣୀଦୁମା ଅଟେଇ ସଂରକ୍ଷିତ ଜଙ୍ଗଲରେ ଛାଡ଼ିଥିବା ସାହାରପଡ଼ା ବନପାଳ ଭୂପତି ସେଠୀ ସୂଚନା ଦେଇଛନ୍ତି।

## ବୃଦ୍ଧାଶ୍ରମରେ ନୂଆବର୍ଷ ପାଳନ



**ଚମ୍ପୁଆ,୩।୧(ସମିସ):** ଚମ୍ପୁଆ ଅଧୀନସ୍ଥ ରାମୁଲା ଗ୍ରାମରେ ଥିବା ବୃଦ୍ଧାଶ୍ରମରେ ବ୍ରହ୍ମକୁମାରୀ ଭାଇ ଭଉଣୀମାନେ ନୂଆବର୍ଷ ପାଳନ କରିଛନ୍ତି। ବୃଦ୍ଧାଶ୍ରମରେ ରହୁଥିବା ସଦସ୍ୟାମାନଙ୍କୁ ବସ୍ତ୍ର,ଫଳ ଓ ମିଷ୍ଟାନ୍ନ ପ୍ରଦାନ କରି ନୂଆ ବର୍ଷ ଖୁସି ମନାଇଥିଲେ। ଏହି ଅବସରରେ ଚମ୍ପୁଆ ଶାଖା ପରିଚାଳିକା ବ୍ରହ୍ମକୁମାରୀ ଭଉଁଣୀ ସୌଦା ମିନି, ଅନୁ, ଗାୟତ୍ରୀ ଓ ଜୟରାମ ଭାଇ ଉପସ୍ଥିତ ଥିବାବେଳେ ଭଉଣୀ ସୌଦାମିନି ଭଗବାନ ପର ବ୍ରହ୍ମ ଉଦ୍ଦେଶ୍ୟରେ ନୂଆବର୍ଷ ବିଭିନ୍ନ ସ୍ଥାନରେ ପାଳନ କରୁଥିଲାବେଳେ ଆଜି ଆମେ ଉକ୍ତ ଆଶ୍ରମରେ ପାଳନ କରିଥିବା କହିଛନ୍ତି।

